## ସଂକ୍ଷେପରେ

### ଗୁରୁଦିବସ ପୂର୍ବରୁ ପିଲାଙ୍କୁ ମିଳିଲା ପୋଷାକ



ପଦ୍ମପୁର,୩।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଉପର ଜୁମୁରୁଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ଗୁରୁଦିବସ ପୂର୍ବରୁ ଶନିବାର ସ୍କୁଲ ପୋଷାକ ପ୍ରଦାନ କରାଯାଇଛି। ସ୍ଥାନୀୟ ଲୋକପ୍ରତିନିଧି, ବିଦ୍ୟାଳୟ ଶିକ୍ଷା କମିଟିର ସଭ୍ୟାସଭ୍ୟ ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପସ୍ଥିତିରେ ଉନ୍ନତ ମାନର ପୋଷାକ ଓ ଜୋତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପଦ୍ମପୁର ପଞ୍ଚାୟତ ସମିତି ଅଧକ୍ଷା ମଣିମାଳା ଶବର, ଉପାଧକ୍ଷ ରମେଶ ସାହୁ, ସରପଞ୍ଚ ପ୍ରକାଶ କଣ୍ଡାଗିରୀ, ଯୁବ ସାମାଜିକ କର୍ମୀ ମହେଶ ନାୟକ, ପ୍ରଶାନ୍ତ କୁମାର ସାହୁ(ବୁଲୁ), ବିଦ୍ୟାଳୟ କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର, ଉପଦେଷ୍ଟା ପ୍ରଶାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ବୁଦ୍ଧୁ ପାଲକା ଉପସ୍ଥିତ ଥିଲେ।

### କାର୍ଯ୍ୟରେ ଯୋଗଦେଲେ ନୂତନ ଆଇଆଇସି



ଗୁଣପୁର,୩।୯ (ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ଆଦର୍ଶ ଥାନାର ନୂତନ ଆଇଆଇସି ଭାବେ ନିଳାମ୍ବର ଜାନି ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦିନକ ପାଇଁ ବଦଳି ହୋଇ ଆସିଥିବା ଟିକିରି ଥାନା ଆଇଆଇସି ଦେବଦତ୍ତ ମଲିକ ଏଠାରୁ ବଦଳି ହୋଇଯିବା ପରେ ନିଳାମ୍ବର ଜାନି କାର୍ଯ୍ୟରେ ଯୋଗ ଦେଇଛନ୍ତି। ସୋମବାର ଗୁଣପୁର ଆଦର୍ଶ ଥାନା ଆଇଆଇସି ଭାବେ ଦେବଦତ୍ତ ମଲିକ ଦାୟିତ୍ୱ ଗ୍ରହଣ କରିଥିଲେ। ଦିନକ ପରେ ମଙ୍ଗଳବାର ପୁଣି ତାଙ୍କୁ ତାଙ୍କ ପୁରୁଣା ସ୍ଥାନ ଟିକିରିକୁ ବଦଳି ହୋଇଥିଲା। ରବିବାରରୁ ମଙ୍ଗଳବାର ମଧ୍ୟରେ ଗୁଣପୁର ଥାନାର ଦୁଇ ଆଇଆଇସି ବଦଳି ଘଟଣା ସାଧରଣରେ ଚର୍ଚ୍ଚାର ବିଷୟ ହୋଇଛି। ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ବଦଳି ତାଲିକାରେ ଦେବଦତ୍ତ ମଲିକଙ୍କୁ ପୁଣି ଟିକିରି ବଦଳି ହୋଇଥିବାବେଳେ ଶେଷଖାଲ ଥାନାରେ କାର୍ଯ୍ୟରତ ଥିବା ଆଇଆଇସି ନିଳାମ୍ବର ଜାନିଙ୍କୁ ଗୁଣପୁର ଥାନାର ଆଇଆଇସି ଭାବେ ବଦଳି କେରାଯାଇଥିଲା। ରବିବାର ଆଇଆଇସି ଆଶ୍ରିତା ଖାଲ୍‌କୋଙ୍କୁ ଅଚାନକ ବଦଳି ହୋଇଥିଲା। ତାଙ୍କୁ ରାୟଗଡ଼ା ମୁଖ୍ୟାଳୟକୁ ବଦଳି ହେବାପରେ ଟିକିରି ଥାନା ଆଇଆଇସି ଦେବଦତ୍ତ ମଲିକଙ୍କୁ ଗୁଣପୁର ଥାନାକୁ ବଦଳି ହୋଇଥିଲା। ସୋମବାର କାର୍ଯ୍ୟରେ ଯୋଗ ଦେଇଥିଲେ।

### ହାଇଦ୍ରାବାଦ ଫେରନ୍ତା ଯୁବକଙ୍କୁ ଡେଙ୍ଗୁ

ବ୍ରହ୍ମପୁର ଅଫିସ,୩।୯-ବ୍ରହ୍ମପୁର ଲାଞ୍ଜିପଲ୍ଲୀରେ ରହୁଥିବା ଜଣେ ଯୁବକଙ୍କ ଡେଙ୍ଗୁ ପଜିଟିଭ ରିପୋର୍ଟ ଆସିଛି। ଜିଲାରେ ଏହାକୁ ମିଶାଇ ୩୪ ଆକ୍ରାନ୍ତ ହୋଇଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଲାଞ୍ଜିପଲ୍ଲୀର ଉକ୍ତ ଯୁବକ ହାଇଦ୍ରାବାଦର ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। କିଛିଦିନ ତଳେ ସେଠାରେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ପରେ ସେ ଲାଞ୍ଜିପଲ୍ଲୀ ଫେରିଥିଲେ। ତାଙ୍କର ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ଉକ୍ତ ଯୁବକଙ୍କ ଡେଙ୍ଗୁ ରିପୋର୍ଟ ଶନିବାର ପଜିଟିଭ ଆସିଛି।

# ମୁନିଗୁଡ଼ା ବସଷ୍ଟାଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ମୁନିଗୁଡ଼ା,୩।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ପ୍ରଶାସନ ପକ୍ଷରୁ ବସଷ୍ଟାଣ୍ଡରେ ଜୁନ୍‌ରେ ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ କାର୍ଯ୍ୟ ସରିଥିବାବେଳେ ଶନିବାର ଦ୍ୱିତୀୟ ପର୍ଯ୍ୟାୟରେ ଦୋକାନ ଘର ଓ ଶୌଚାଳୟ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ବ୍ୟବସାୟୀଙ୍କ ଅନିଚ୍ଛା ତଥା ବିରୋଧ ସତ୍ତ୍ୱେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଉଚ୍ଛେଦର କିଛି ଦିନ ପରେ ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଛେଦ ଆରମ୍ଭ ହୋଇଥିଲେ ମଧ୍ୟ ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ସେହିପରି ଉଚ୍ଛେଦ କରାଯାଇଥିବା ବ୍ୟବସାୟୀମାନଙ୍କୁ ଏ ପର୍ଯ୍ୟନ୍ତ ଥଇଥାନ କରାଯାଇ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି।



ମୁନିଗୁଡ଼ା ବସ୍‌ଷ୍ଟାଣ୍ଡରେ ଜବରଦଖଲ କରାଯାଇଥିବା ଦୋକାନ ଘରଗୁଡ଼ିକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି।

ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ ପୂର୍ବରୁ ମୁନିଗୁଡ଼ା ତହସିଲ ତରଫରୁ ଉଚ୍ଛେଦ ନେଇ ବେପାରୀ ମାନଙ୍କୁ ନୋଟିସ ଦିଆଯାଇଥିଲା। ବସଷ୍ଟାଣ୍ଡ ପରିସରରେ ଦୀର୍ଘଦିନରୁ ଜୀବନ ଜୀବିକା ନେଇ ବଞ୍ଚୁଥିବା କ୍ଷୁଦ୍ର ବ୍ୟବସାୟୀ ମାନେ ପୂର୍ବ ନିର୍ଦ୍ଧାରିତ ବନଦୁର୍ଗା ମନ୍ଦିର ସମ୍ମୁଖ ପ୍ରସ୍ତାବିତ ସ୍ଥାନରେ ନୂତନ ବସଷ୍ଟାଣ୍ଡ କରାଇବା ସହିତ ସହର ମଧ୍ୟସ୍ଥ ଏହି ସ୍ଥାନକୁ ଅଟୋ ଓ ଟ୍ୟାକ୍ସି ଷ୍ଟାଣ୍ଡ ଏବଂ କ୍ଷୁଦ୍ର ବେପାରୀ ମାନଙ୍କ ବେପାର ନିମନ୍ତେ ରଖାଯାଉ ବୋଲି ବିଭାଗୀୟ ଅଧିକାରୀ ଓ ରାୟଗଡ଼ା ଜିଲାପାଳଙ୍କୁ ଜଣାଇଥିଲେ। ଅନେକ ଦାବି ପରେ ମଧ୍ୟ ପ୍ରସାଶନ ଉଚ୍ଛେଦ ପାଇଁ ସମୟସୀମା ଧାର୍ଯ୍ୟ କରିଥିଲା।

ବସଷ୍ଟାଣ୍ଡ ପରିସରରେ ମୁନିଗୁଡ଼ା ପଞ୍ଚାୟତ ତରଫରୁ ଅନେକ ଦୋକାନ ଘର, ସୁଲଭ ଶୌଚାଳୟ ଭଡ଼ା ସୂତ୍ରରେ ବେପାରୀମାନଙ୍କୁ ଦିଆଯାଇଥିଲା। ପଞ୍ଚାୟତ ତରଫରୁ ଥଇଥାନ ବ୍ୟବସାୟୀ ମାନେ ଅନ୍ୟ ଉପାୟ ନ ପାଇ ଉଚ୍ଛେଦ ଉପରେ ରୋକ ଲଗାଇବା ପାଇଁ କୋର୍ଟର ଆଶ୍ରୟ ନେଇ କିଛି ଦିନର ଆଶ୍ୱସ୍ତି ପାଇଥିଲେ। ସେହି ସମୟ ସୀମା ସମାପ୍ତ ହେବା ପରେ ଏବେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଶାସନ

■ ଦୋକାନ, ଶୌଚାଳୟ ଭଙ୍ଗା ଚାଲିଛି

■ ଆଉ କିଛିଦିନ ସମୟ ମାଗିଲେ ବ୍ୟବସାୟୀ, ଶୁଣିଲାନି ପ୍ରଶାସନ

ଦୋକାନ ଘର ସହ ସୁଲଭ ଶୌଚାଳୟ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଉଚ୍ଛେଦ ବେଳେ ସ୍ଥାନୀୟ ବ୍ୟବସାୟୀ, ସରପଞ୍ଚ ସରସ୍ୱତୀ ଶବର ଓ ବ୍ୟବସାୟୀଙ୍କ ଆଇନଜୀବୀ ରାଧାରମଣ ଦାସଙ୍କ ସମେତ ଅନ୍ୟ ବୁଦ୍ଧିଜୀବୀ ପ୍ରଶାସନିକ ଅଧିକାରୀ ମାନଙ୍କ ସହ ଆଲୋଚନା କରି ଆଉ କିଛି ଦିନ ପାଇଁ ସମୟ ମାଗିଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି କଥା ନ ଶୁଣି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିଲା। ଉଚ୍ଛେଦ ପ୍ରକ୍ରିୟାରେ ମାଜିଷ୍ଟ୍ରେଟ ଭାବେ ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନା, ମୁନିଗୁଡା ତହସିଲଦାର, ଚନ୍ଦ୍ରପୁର ତହସିଲଦାର, ମୁନିଗୁଡା ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ଆଇଆଇସି ସୁଜ୍ଞାନୀ ସାହୁ, ଆର୍‌ଆଇ, ଅମ୍ବାଦଳା ଥାନା ଅଧିକାରୀଙ୍କ ସମେତ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ।

# ସଡ଼କ ଦୁର୍ଘଟଣାରେ ପୋଲିସ କର୍ମଚାରୀ ମୃତ

ବିଷମକଟକ/ଗୁଡାରି,୩।୯(ଡି.ଏନ୍.ଏ.)



ରାୟଗଡ଼ା ଜିଲା ବିଷମକଟକ ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ଋଷିକେଶ ଶ୍ରାମୁଟିକାଙ୍କ ସଡ଼କ ଦୁର୍ଘଟଣାରେ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ରାତିରେ ସେ ପାଟ୍ରୋଲିଂ ପାଇଁ ବାଇକ୍‌ରେ ଚାଟିକଣା ଯାଇଥିଲେ। ବିଳମ୍ବିତ ରାତିରେ ବିଷମକଟକ ଥାନାକୁ ଫେରିବା ସମୟରେ ଋଷିକେଶଙ୍କ ଗାଡ଼ି ଭାରସାମ୍ୟ ହରାଇ ଏକ ଟ୍ରକ ପଛରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଷମକଟକ ପୋଲିସ ଟିମ୍ ପହଞ୍ଚି ରବୀନ୍ଦ୍ରଙ୍କୁ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ରବୀନ୍ଦ୍ରଙ୍କ ଘର ଗୁଡାରି ବ୍ଲକ କଦମା ପଞ୍ଚାୟତ ଅନ୍ତର୍ଗତ ଦେଣ୍ଡୁଗୁଡ଼ା ଗ୍ରାମରେ। ସେ ୨ ବର୍ଷ ହେଲା ବିଷମକଟକ ଥାନରେ ଓଏସିଏଫ୍ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ନେଇ ପରିବାର ଲୋକଙ୍କୁ ଅବଗତ କରାଯିବା ପରେ ସେମାନେ ବିଷମକଟକରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଥାନା ପକ୍ଷରୁ ଋଷିକେଶଙ୍କ ମା’ ଏବଂ ସ୍ତ୍ରୀଙ୍କୁ ୪୫ ହଜାର ଟଙ୍କା ସହୟତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଋଷିକେଶଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଗାଁ ଲୋକାରଣ୍ୟ ହୋଇଥିଲା। ଋଷିକେଶଙ୍କ ଉତ୍ତମ ସ୍ୱଭାବ ଏବଂ ମେଳାପୀ ବ୍ୟକ୍ତିତ୍ୱ ପାଇଁ ସେ ପରିଚିତ ଥିଲେ।

# ୩୦ କେ.ଜି. ଗଞ୍ଜେଇ ଜବତ, ମହିଳା ସମେତ ୨ ଗିରଫ



ଥାନା ପରିସରରେ ପୋଲିସ କର୍ମଚାରୀଙ୍କ ସହ ୨ ଗିରଫ ଅଭିଯୁକ୍ତ।

ମୁନିଗୁଡ଼ା,୩।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ସ୍ଥାନୀୟ ରେଳ ଷ୍ଟେଶନ ନିକଟରୁ ଶୁକ୍ରବାର ରାତିରେ ୩୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ମହିଳା ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦିଲ୍ଲୀର ଉଷା ଯାଦବ(ମହିଳା) ଏବଂ ସଞ୍ଜୀବ ଗୁପ୍ତା।

ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ହେଉଥିବା ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ କୋଣସି ସୂତ୍ରରୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶରେ ମୁନିଗୁଡ଼ା ଥାନା ଆଇଆଇସି ସୁଜ୍ଞାନି ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏବଂ ଆର୍‌ପିଏଫ୍ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଏ ନେଇ ୧୮୯/୨୨ ରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁଜ୍ଞାନି ସାହୁ ସୂଚନା ଦେଇଛନ୍ତି।

# ଗ୍ରାହକଙ୍କୁ ଉତ୍ତମ ସେବା ମିଳୁ

## ଏଲଆଇସି ଏଜେଣ୍ଟଙ୍କ ପ୍ରତିକାତ୍ମକ ଧାରଣା

ଗୁଣପୁର,୩।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଏଲ୍‌ଆଇସି ଅଫିସ ସମ୍ମୁଖରେ ଏଜେଣ୍ଟ ମାନଙ୍କ ବିଭିନ୍ନ ଦାବି ନେଇ ଆରମ୍ଭ ହୋଇଥିବା ପ୍ରତିକାତ୍ମକ ଧାରଣା ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଗୁଣପୁର ଅଞ୍ଚଳରେ କର୍ଯ୍ୟରତ ଥିବା ଏଲ୍‌ଆଇସିର ଏଜେଣ୍ଟ ମାନେ କଳାବ୍ୟାଜ ପରିଧାନ କରି ପ୍ରତିକାତ୍ମକ ଆନ୍ଦୋଳନ ଚାଲୁ ରଖିଛନ୍ତି।

ପଲିସି ଗୁଡିକରେ ବୋନସ ବୃଦ୍ଧି, ପଲିସିରେ ଋଣର ସୁଧ ପରିମାଣ କମାଇବା, ଗ୍ରାହକମାନଙ୍କୁ ଭଲ ସେବା ପ୍ରଦାନ କରିବା, ୫ ବର୍ଷରୁ ଅଧିକ ସମୟ ପରେ ଲ୍ୟାପ୍‌ସ ହୋଇଥିବା ପଲିସିଗୁଡ଼ିକର ରିଭାଇଭ୍‌କରିବା, ଦାବି ନ ଥିବା ଟଙ୍କା ଗ୍ରାହକମାନଙ୍କ ହିତରେ ଖର୍ଚ୍ଚ କରିବା ସମେତ ଅନ୍ୟ ଦାବିଗୁଡ଼ିକୁ ନେଇ ଆନ୍ଦୋଳନ ଆରମ୍ଭ ହୋଇଛି। ସପ୍ତାହବ୍ୟାପୀ ପ୍ରତିକାତ୍ମକ ଧାରଣାରେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଏଜେଣ୍ଟ ମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।



ଏଲ୍‌ଆଇସି ଅଫିସ ସମ୍ମୁଖରେ ଧାରଣା ଦେଇଥିବା ଏଜେଣ୍ଟ।

## ଶାବର ଶ୍ରୀକ୍ଷେତ୍ରରେ ଆଦିବାସୀଙ୍କୁ ଉପେକ୍ଷା ଅଭିଯୋଗ

### ମନ୍ଦିର ପୂଜା,କମିଟିରେ ସାମିଲ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

କୋରାପୁଟ,୩।୯(ସ୍ୱ.ପ୍ର.)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଆଦିବାସୀଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ମନ୍ଦିର ପୂଜା ଓ ମନ୍ଦିର କମିଟିରେ ସାମିଲ ଦାବିରେ ବାଡମପୁଟ ଗ୍ରାମର କମଳ ଲୋଚନ ମାଛଙ୍କ ନେତୃତ୍ୱରେ ଶନିବାର ଜିଲାପାଳ ଅବଦାଲ ଏମ ଅଖତାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ। ଆସନ୍ତା ଅକ୍ଟୋବର ୧ ସୁଦ୍ଧା ମନ୍ଦିର ପରିଚାଳନା କମିଟି ଓ ପୂଜା କମିଟିରେ ୫ ଜଣ ଲେଖାଏ ଆଦିବାସୀମାନଙ୍କୁ ସାମିଲ ନ କଲେ ସେମାନେ ଶାବର ଶ୍ରୀକ୍ଷେତ୍ରରେ ମନ୍ଦିର ସମ୍ମୁଖରେ ଧାରଣା ଦେବେ ବୋଲି ପ୍ରକାଶ କରିଛନ୍ତି। ଏହି ମନ୍ଦିର ପରିଚାଳନା ଓ ପୂଜା କମିଟିକୁ କିଛି ଅଣ ଆଦିବାସୀ ଲୋକେ ଅକ୍ତିଆର କରି ମନୋମୁଖୀ କାର୍ଯ୍ୟ ଚଳାଇଥିବା ଅବିଭକ୍ତ ଆଦିବାସୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

## ହିଞ୍ଜିଳିକାଟୁରେ ଖୋଲିବ ସିନିୟର ଡିଭିଜନ ସିଭିଲ କୋର୍ଟ

ହିଞ୍ଜିଳିକାଟୁ,୩।୯(ଡି.ଏନ.ଏ.):

ହିଞ୍ଜିଳିକାଟୁରେ ସିନିୟର୍ ଡିଭିଜନ ସିଭିଲ କୋର୍ଟ ଖୋଲିବା ପାଇଁ ରାଜ୍ୟ ଆଇନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ନଂ.୯୬୫୭ ପ୍ରକାଶ ପାଇଛି। ଏହା ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଖୋଲାଯିବ। ଏହି ସିନିୟର୍ ଡିଭିଜନ ସିଭିଲ କୋର୍ଟ ଇଲାକା ଜୁନିୟର ଡିଭିଜନ କୋର୍ଟର କ୍ଷେତ୍ରାଧିକାର ସହ ସମାନ ରହିବ। ହିଞ୍ଜିଳିକାଟୁଠାରେ ଏହି କୋର୍ଟ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଦାବି ହୋଇ ଆସୁଥିଲା। ସିନିୟର୍ ଡିଭିଜନ ସିଭିଲ କୋର୍ଟ ପ୍ରତିଷ୍ଠା ହେବା ଫଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଦେୱାନୀ ମାମଲା ଗୁଡ଼ିକ ନିଜ ଅଞ୍ଚଳରେ ତ୍ୱରାନ୍ୱିତ ନ୍ୟାୟ ପ୍ରଦାନ ହେବ ବୋଲି ଓକିଲ ସଂଘ ପକ୍ଷରୁ ଆଶା ପ୍ରକାଶ ପାଇଛି।

# ମୃତଦେହ ରଖି ରାସ୍ତା ଅବରୋଧ

ଟିକିରି,୩।୯(ଡି.ଏନ୍.ଏ.)

## ଟ୍ରକ୍‌କୁ ପିଟିଲା ବାଇକ୍, ଚାଳକ ମୃତ

ରାୟଗଡ଼ା ଜିଲା ଟିକିରି ସ୍ଥିତ ଉତ୍କଳ ଆଲୁମିନା କାରଖାନାକୁ କୋଇଲା ବୋଝେଇ ଯାଉଥିବା ଏକ ଟ୍ରକ୍(ଓଡି ୦୭ ଏଇ ୫୮୬୮) ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ବେଳେ ଟିକିରିରୁ କୁଚେଇପଦର ଫେରୁଥିବା ଏକ ବାଇକ୍ ଭାରସାମ୍ୟ ହରଇ ପଛପଟୁ ଟ୍ରକ୍‌କୁ ଧକ୍କା ଦେଇଥିଲ। ଏଥିରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ କୁଚେଇପଦର ଗ୍ରାମର ଲିଙ୍ଗା ମାଝିଙ୍କ ପୁଅ ଶଙ୍କର(୨୪)। ଶଙ୍କର କୌଣସି କାମରେ ଟିକିରି ଯାଇ ଗାଁକୁ ଫେରୁଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ମୃତଦେହ ରଖି ନୂଆପଡ଼ା-ଟିକିରି ରାସ୍ତା ଅବୋରଧ କରାଯାଇଥିଲା। ନ୍ୟାୟ ସହ ମୃତକଙ୍କ ପରିବାରକୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି କରାଯାଇଛି। ଘଟଣାସ୍ଥଳରେ ଟିକିରି ଏଏସ୍‌ଆଇ ମନୋଜ କୁମାର ଜେନା, ଅଣ୍ଡିରାକଞ୍ଚ ଆଇଆଇସିଙ୍କ ସମେତ ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସନ୍ଧ୍ୟାରେ ରାସ୍ତା ଅବରୋଧ ହଟିଥିଲା।

# ସ୍ତ୍ରୀଙ୍କୁ ନିଆଁ ଲଗାଇବା ଘଟଣା: ଅଭିଯୁକ୍ତ ସ୍ୱାମୀ ଜେଲଗଲେ

ଦିଗପହଣ୍ଡି,୩।୯ (ଡି.ଏନ.ଏ.)

ସ୍ତ୍ରୀଙ୍କ ଉପରେ ସାନିଟାଇଜର ଢ଼ାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ଘଟଣାରେ ଦିଗପହଣ୍ଡି ପୋଲିସ ସ୍ୱାମୀ ସଞ୍ଜୟ କୁମାର ପ୍ରଧାନଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଗୁରୁବାର ସନ୍ଧ୍ୟା ପ୍ରାୟ ୬ ଟାରେ ମହୁଡ଼ା ଗ୍ରାମର ସଞ୍ଜୟ ତାଙ୍କ ସ୍ତ୍ରୀ ରିତାଙ୍କୁ ସାନିଟାଇଜର ଢାଳି ନିଆଁ ଲଗାଇ ପୋଡି ମାରିଦେବାକୁ ଉଦ୍ୟମ କରିଥିଲେ। କିନ୍ତୁ ରିତା କୌଶଳକ୍ରମେ ନିଆଁ ଲିଭାଇ ଦୌଡ଼ି ତାଙ୍କ ମାଉସୀ ଘରକୁ ଚାଲି ଯାଇଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରିତାଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

# ବିଭିନ୍ନ ଦାବିରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ଶୋଭାଯାତ୍ରା

ଗୁଣପୁର,୩।୯(ଡି.ଏନ୍.ଏ)

ରାୟଗଡ଼ା ଜିଲା ଗୁଣପୁରଠାରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ଏବଂ ସିପିଆଇଏମ୍‌ଏଲ ପକ୍ଷରୁ ବିଭିନ୍ନ ଦାବି ନେଇ ତହସିଲଦାର ଶରତ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ବର୍ଷକୁ ୨୦୦ ଦିନର କାମ, ଦୈନିକ ୬୦୦ ଟଙ୍କା ମଜୁରି, ଖାଦ୍ୟ ସୁରକ୍ଷା ଆଇନରେ ପରିବାର ପିଛା ୫୦ କେଜି ଚାଉଳ ସହ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ରଦାନ, ୨୦୨୦ ଜଙ୍ଗଲ ସଂରକ୍ଷଣ ନିୟମାବଳୀ ପ୍ରତ୍ୟାହାର, ପୁଟାସିଂ ନାମରେ ନାମିତ କରାଯାଇଥିବା ସମସ୍ତ କାର୍ଯ୍ୟାଳୟକୁ ପୁଟାସିଂ ସଦର ମହକୁମାରେ ସ୍ଥାପନ କରାଯିବା ଏପରି ୧୨ ଦାଫା ଦାବି ନେଇ ଗୁଣପୁର ନୂତନ ବସଷ୍ଟାଣ୍ଡରୁ ଶୋଭାଯାତ୍ରା ବାହାରି ତହସିଲ ଅଫିସରେ ପହଞ୍ଚିଥିଲା। ସିପିଆଇଏମ୍‌ଏଲ୍‌ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଶୋଭାଯାତ୍ରାରେ ବାହାରିଥିବା ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ସଦସ୍ୟମାନେ।

# ପ୍ରଶାସନ ମୁକାଳିଲା ବନ୍ଧକ ଥିବା ଭତ୍ତା କାର୍ଡ

ତେନ୍ତୁଳିଖୁଣ୍ଟି/ନବରଙ୍ଗପୁର, ୩।୯(ଡି.ଏନ୍.ଏ./ବି.ପ୍ର.)

## ଧରିତ୍ରୀ ପ୍ରଭାବ

■ ବିଡ଼ିଓ ଦେଲେ ଆର୍ଥିକ ସହାୟତା

■ ଚିକିତ୍ସା ପାଇଁ ନୟନଙ୍କୁ ପଠାଯିବ ଭୁବନେଶ୍ୱର

ପୁଅର ଚିକିତ୍ସା ପାଇଁ ମା’ ଭତ୍ତା କାର୍ଡ ବନ୍ଧକ ରଖିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ସହାୟତା ହାତ ବଢ଼ାଇଛି ପ୍ରଶାସନ। ବନ୍ଧକ ଥିବା ଭତ୍ତା କାର୍ଡକୁ ମୁକାଳିବା ସହ ମା’ ପୁଅଙ୍କୁ ଆର୍ଥିକ ସହାୟତା ଦେଇଛି ପ୍ରାଶସନ। ଏଥିସହ ନୟନଙ୍କ ଚିକିତ୍ସା ବ୍ୟବସ୍ଥା ମଧ୍ୟ ପ୍ରଶାସନ ପକ୍ଷରୁ କରାଯାଇଛି। ୨ ଦିନ ମଧ୍ୟରେ ନୟନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯିବ। ମା’ ସୁଲୋଚନା ଖୁସି ବ୍ୟକ୍ତ କରିବା ସହ ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି।



ନୟନ ଓ ସୁଲୋଚନାଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି।

ସୂଚନାନୁଯାୟୀ, ତେନ୍ତୁଳିଖୁଣ୍ଟି ବ୍ଲକ ଗାଦବାଗୁଡ଼ା ଗ୍ରାମର ୭୦ ବର୍ଷୀୟ ବୃଦ୍ଧା ସୁଲୋଚନା ଖରା ପୁଅ ନୟନଙ୍କ ଭଙ୍ଗା ଗୋଡ଼ର ଚିକିତ୍ସା ପାଇଁ ସମ୍ବଳ ଅଭାବରୁ ପୁଅଙ୍କ ରାସନ କାର୍ଡକୁ ୮ ହଜାର ଟଙ୍କା ଓ ନିଜ ଭତ୍ତାକାର୍ଡକୁ ୬ ହଜାର ଟଙ୍କା ରେ ବନ୍ଧକ ରଖିଥିଲେ। ଚିକିତ୍ସାରେ ଉକ୍ତ ଟଙ୍କା ସରିଗଲା। ତେଣୁ ଅର୍ଥାଭାବରୁ ସୁଲୋଚନା ଆଉ ପୁଅ ନୟନଙ୍କ ଚିକିତ୍ସା କରାଇ ପାରି ନ ଥିଲେ। ନୟନ ଏବେ ଶଯ୍ୟାଶାୟୀ। ଏ ଖବର ଧରିତ୍ରୀରେ ୨ତାରିଖରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଶନିବାର ବିଡିଓ ଦୁର୍ଯ୍ୟୋଧନ ଭୋଇ ନୟନ ଓ ସୁଲୋଚନାଙ୍କୁ ଭେଟି ୫ ହଜାର ଟଙ୍କା ଆର୍ଥିକ ସହାୟତା ଦେଇଛନ୍ତି। ଏଥିସହ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ପଠାଇବା ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି। ୨ଦିନମଧ୍ୟରେ ଚିକିତ୍ସା ପାଇଁ ନୟନଙ୍କୁ ଭୁବନେଶ୍ୱର ପଠାଯିବ। ବିଏସ୍‌ଏସ୍ ଓ ରବିନ୍ଦ୍ର ସାହୁ ଗ୍ରାମରେ ପହଞ୍ଚି ଭତ୍ତା କାର୍ଡକୁ ମୁକୁଳାଇ ସୁଲୋଚନାଙ୍କୁ ଦେଇଛନ୍ତି।

# ରାସ୍ତାରେ ଗଦେଇ ନୀଳଗିରି କାଠ ସଫା କରୁଛନ୍ତି ବେପାରୀ

ରାଇଘର, ୩।୯(ଡି.ଏନ୍.ଏ.)

ରାଇଘର ବ୍ଲକରେ ଶହ ଶହ ହେକ୍ଟର ଜମିରେ ନୀଳଗିରି ଚାଷ ହେଉଛି। ବର୍ତ୍ତମାନ ନୀଳଗିରି ଗଛ ବଡ ବଡ ହୋଇଥିବା ଯୋଗୁ ସେଗୁଡିକ କାଟି ସାଇଜ କରି ବାହାରେ ଚାଲାଣ ହେଉଛି। ତେବେ ଯେଉଁ ସ୍ଥାନରେ ସଫା କରାଯାଉଛି ସେହି ଅଞ୍ଚଳରେ ରାସ୍ତାଘାଟ ବିପର୍ଯ୍ୟସ୍ତ ସହ ପରିବେଶ ଦୁର୍ଗନ୍ଧମୟ ହେଉଥିବା ଅଭିଯୋଗ ହୋଇଛି। ରାଇଘର ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗର ଅନେକ ରାସ୍ତା ଉପରେ ନୀଳଗିରି ବେପାରୀ ରାସ୍ତା ବିପର୍ଯ୍ୟସ୍ତ କରୁଥିବା ଦେଖିବାକୁ ମିଳୁଛି।

ନୀଳଗିରି ଗଛ ବଡ ହେବା ପରେ ତାକୁ ପ୍ରଥମେ କାଟିବା ସହ ଗଛର ଛାଲ ବାହାର କରି ବାହାରକୁ ଚାଲାଣ ହେଉଛି। ତେବେ ଯେଉଁ ଜମିରେ ନୀଳଗିରି ଚାଷ ହୋଇଛି ବିଲ ମଧ୍ୟରେ ପତ୍ର ଓ ଛାଲ ବାହାର କରିବା ପରିବର୍ତ୍ତେ ରାସ୍ତା ଉପରେ ଆଣି ସଫା କରାଯାଉଛି। ହେକ୍ଟର ହେକ୍ଟର ଜମିରେ ହେଉଥିବା ନୀଳଗିରି ଗଛର ପତ୍ର ଓ ଛାଲ ଗୁଡିକ ରାସ୍ତା ଉପରେ ଛାଡି ଚାଲି ଯାଉଥିବା ଯୋଗୁ ଉକ୍ତ ଅଞ୍ଚଳରେ ଯାତାୟତରେ ନାନା ସମସ୍ୟା ମଧ୍ୟ ଦେଖାଯାଉଛି। ଲଗାତାର କିଛି ବର୍ଷ ହେବ ସମାନ ସମସ୍ୟା ଦେଖା ଦେଉଥିବା ବେଳେ ଅଞ୍ଚଳବାସୀ ନୀଳଗିରି ବେପାରୀମାନଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଘଟଣାକୁ ସେମାନେ ଗୁରୁତ୍ୱ ଦେଉ ନାହାନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ତଦାରଖ କରି ସମ୍ପୃକ୍ତ ନୀଳଗିରି ବେପାରୀଙ୍କ ଉପରେ ବିହିତ ପଦକ୍ଷେପ ଗ୍ରହଣ କଲେ ରାସ୍ତା ଉପରୁ ହୁଏତ ଆବର୍ଜନା ହଟିଥାନ୍ତା। କିନ୍ତୁ ଅଧିକାରୀଙ୍କ ତଦାରଖ ଅଭାବରୁ ସମସ୍ୟା ଦ୍ୱିଗୁଣିତ କରିଛି। ଏହି ସମସ୍ୟା ଉଦୟପୁର-ତୁରୁଡିହି ମୁଖ୍ୟ ରାସ୍ତା ସହ ପରଟିପାରା ଭଳି ଅଞ୍ଚଳରେ ଦେଖିବାକୁ ମିଳୁଛି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ରାସ୍ତା ଜାମ୍ ସହ ପ୍ରଦୂଷିତ ହେଉଛି ପରିବେଶ



ରାସ୍ତାରେ ଜମା ହୋଇ ରହିଥିବା ନୀଳଗିରି ଗଛ।

**ସଂକ୍ଷେପରେ**

## ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୩।୯ ( ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ କେନ୍ଦୁଗୁଡାର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରବି ନାୟକ (୧୮)। ଏନେଇ ପରିବାର ଲୋକଙ୍କ ଠାରୁ ସୂଚନା ପାଇ ଜୟପୁର ସଦର ଥାନା ପୋଲିସ କେନ୍ଦୁଗୁଡାରେ ପହଞ୍ଚି ମଅତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ପଠାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଦୁଇ ବାଇକ୍ ମୁହାଁମୁହିଁ, ଜଣେ ଗୁରୁତର

ଜୟପୁର, ୩।୯ ( ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ରାଣୀପୁଟ ନିକଟରେ ଶନିବାର ଦୁଇଟି ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ତାଟିବେଡାର ରମେଶ ହରିଜନ ଗୁରୁତର ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି। କରିଥିବା ଜଣାଯାଇଛି।

## ଅବକାରୀ ଚଢ଼ାଉ: ଲକ୍ଷାଧିକ ଟଙ୍କାର ପୋଚ,ମଦ ନଷ୍ଟ

କୋରୁକୋଣ୍ଡା, ୩।୯(ଡି.ଏନ.ଏ.)- ମାଲକାନଗିରି ଜିଲା ବାଲିମେଳା ଅବକାରୀ ବିଭାଗ ଏବଂ ଜିଲା ମୋବାଇଲ ୟୁନିଟ୍ ମିଳିତ ଭାବେ ଚିତ୍ରକୋଣ୍ଡା ସଦର ମହକୁମାରେ ଥିବା ପାହାଡ଼ ଉପରେ ଦେଶୀ ମହୁଲି ମଦ ରନ୍ଧା ହେଉଥିବା ସୂଚନା ପାଇ ଚଢ଼ାଉ କରିଥିଲା। ୨୫୫୦ କିଲୋ ପୋଚ ଏବଂ ୧୭୦ ଲିଟର ମଦ ନଷ୍ଟ କରି ମଦ ରନ୍ଧାଯାଉଥିବା ସାମଗ୍ରୀ ନଷ୍ଟ କରାଯାଇଛି। ଏହାର ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉରେ ଅବକାରୀ ଏସ୍ଆଇ ଅଶେଷ ନାୟକ, ପ୍ରଦୀପ ଖରା, ଅକ୍ଷୟ ଜେନା, ପ୍ରଦୀପ ନାୟକ, ଜ୍ଞାନରଞ୍ଜନ ସାହୁଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ଯନ୍ତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଚିତ୍ରକୋଣ୍ଡା,୩।୯(ଡି.ଏନ.ଏ.)-ଆର୍‌ଡ଼ି ବିଭାଗର ଯନ୍ତ୍ରୀ ପ୍ରଶାନ୍ତ ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ୱାଭିମାନ ଅଞ୍ଚଳ ପଣସପୁଟ ପଞ୍ଚାୟତ ଗୋରାସେତୁଠାରେ ସ୍ଥାନୀୟ ଜନସାଧାରଣ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି। ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ସେ ଏଠାରେ ଥିବା ସମୟରେ ଜନସାଧାରଣଙ୍କ ପାଇଁ କରିଥିବା ବିଭିନ୍ନ କାର୍ଯ୍ୟ ପାଇଁ ତାଙ୍କୁ ଅଞ୍ଚଳବାସୀ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଆୟୋଜିତ ସଭାରେ ଜିଲା ପରିଷଦ ଅଧକ୍ଷା ସମାରି ତାଙ୍ଗୁଲ, ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଳ, ଖବରଦାତା ଦେବପ୍ରସାଦ ଦାସ, ବିଏସ୍ଏଫ୍ ଯବାନ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ପରଲୋକ

କୁନ୍ଦୁରା,୩।୯ (ଡି.ଏନ.ଏ.)- କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ପାଉଁଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ(୩୫)ଙ୍କ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ହେଲା ଅସୁସ୍ଥ ହୋଇପଡି ଅନ୍ଧ୍ରପ୍ରଦେଶର ବିଶାଖାପାଟଣସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଜୟପୁର ବ୍ଲକର ଫାମ୍ପୁଣୀଠାରେ ନିଜ ଘରେ ରହି ପାଉଁଶିସ୍ଥିତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକତା କରୁଥିଲେ। ଏହି ଖବର ପାଇ କୁନ୍ଦୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ଉପ ସଭାପତି ରାକେଶ ଗୁରୁ, ସମ୍ପାଦକ ମହନା ରାଓ, ଜିଲା ସଭାପତି ତ୍ରିନାଥ ହରିଜନ, ବରିଷ୍ଠ ଶିକ୍ଷକ ନୟନ ବିଶୋୟୀ,ସୁମନ୍ତ ଭଞ୍ଜ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କାଲିମେଲା, ୩.୯(ଡି ଏନ ଏ ) ମାଲାକାନଗିରି ଜିଲା କାଲିମେଲା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା କୁରମାନୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଷୀକେଶ ନାୟକଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରୀ ଓ ଅଭିଭାବକଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ଅକ୍ଷୟ ପଣ୍ଡା, ସମ୍ମାନିତ ଅତିଥି ଭାବେ ତପନ ଢାଲି, ଧ୍ରୁବଚରଣ ନାୟକ, ଅରୁଣ ମଣ୍ଡଳ, ସମୀର ଗୋପ, ରତ୍ନାକର ସାମଲ, ନିଶିକାନ୍ତ ଅଧିକାରୀ ଉପସ୍ଥିତ ଥିଲେ। କୁରମାନୁର ପଞ୍ଚାୟତ ସିଆରସିସି ପ୍ରଶାନ୍ତ ସର୍ଦାର ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀ ନାୟକ ଦୀର୍ଘ ୩୬ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି କାଲିମେଲା ବ୍ଲକ ର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଆସିଥିବା ବେଳେ ଦୀର୍ଘ ୫ ବର୍ଷ ଧରି ଅପହଞ୍ଚ ଦୁର୍ଗମ କୁରମାନୁର ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ରହିଥିଲେ। ସେ ବ୍ଲକ ର ଜଣେ ସୁନାମ ଧନ୍ୟ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ।

# ବର୍ଷକ ମଧ୍ୟରେ ନଷ୍ଟ ହୋଇଗଲା ନିର୍ମିତ ରାସ୍ତା

ମାଲକାନଗିରି,୩।୯(ଡି.ଏନ.ଏ.)


ରାସ୍ତାରୁ ପିଚୁ, ବଜୁରି ଉଠିଯାଇଛି।

- ପିଚୁ, ବଜୁରି ଓ ଚିପ୍ସ ବାହାରି ଅଲଗା ହୋଇଗଲାଣି
- ୧୫ ଗ୍ରାମର ଲୋକେ ହଇରାଣ ହେଉଛନ୍ତି
- ସମ୍ପୃକ୍ତ ଠିକାଦାରଙ୍କୁ ନୋଟିସ କରାଯିବ: ଅଧୀକ୍ଷଣ ଯନ୍ତ୍ରୀ

ମାଲକାନଗିରି ଜିଲାର ଖଇରପୁଟ ବ୍ଲକ ସିନ୍ଧିଗୁଡାରୁ ମୁରକିଗୁଡା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ବର୍ଷେ ତଳେ ଏହା ନିର୍ମିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଗତ ୧୬।୩।୨୧ରେ ୬୯ ଲକ୍ଷ ୭୧ହଜାର ଟଙ୍କାର ବ୍ୟୟରେ ରାସ୍ତା ତିଆରି ହୋଇଥିଲା। ଏବେ ରାସ୍ତାରୁ ପିଚୁ, ବଜୁରି ଓ ଚିପ୍ସ ବାହାରି ଅଲଗା ହୋଇଗଲାଣି। ଏଥିଯୋଗୁ ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ରାସ୍ତା ଉପରେ ନିର୍ଭର କରୁଥିବା ୧୫ଟି ଗ୍ରାମର ଲୋକେ ହଇରାଣ ହେଉଛନ୍ତି। ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଛି। ଏବେ ମରାମତି ନାମରେ କଣ୍ଟ୍ରାକ୍ଟର କେବଳ କ୍ରଶର ଗୁଣ୍ଡ ପକାଇ କାମ ସାରି ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷା ହେଲେ ରାସ୍ତାରେ ପାଣି ଜମିବା ସହ ବାଇକ୍ କିମ୍ବା ସାଇକେଲରେ ଯାଉଥିବା ଯାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ମାଲକାନଗିରି ଗ୍ରାମ୍ୟ ଉନ୍ନୟନ ବିଭାଗ-୧ର ଅଧୀକ୍ଷଣ ଯନ୍ତ୍ରୀ ସୁଜିତ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ମରାମତିରେ ବର୍ଷାରେ ପିଚୁ ନ ଧୋଇବା ପାଇଁ ଠିକାଦାର ହୁଏତ ଏଭଳି କ୍ରଶର ଗୁଣ୍ଡ ପକାଇ ଥାଇପାରେ। ରାସ୍ତା ଯେଉଁଠି ନଷ୍ଟ ହୋଇଛି, ତାହାକୁ ସମ୍ପୃକ୍ତ ଠିକାଦାର ନିର୍ମାଣ କରିବେ। ଯଦି ସେ ଏଭଳି ନ କରନ୍ତି ସମ୍ପୃକ୍ତ ଠିକାଦାରଙ୍କୁ ନୋଟିସ କରିବା ସହ ପେନାଲଟି ମଧ୍ୟ ଆଦାୟ କରାଯିବ। ତାଙ୍କ ବଦଳରେ ଏହି କାର୍ଯ୍ୟ ଅନ୍ୟ କୌଣସି ଠିକାଦାରଙ୍କୁ ପ୍ରଦାନ କରାଯିବ ବୋଲି ବେହେରା ପ୍ରକାଶ କରିଛନ୍ତି।

## ମହିଳା ସାମାଜିକ କର୍ମୀଙ୍କ ବିରୋଧରେ ଥାନାରେ ଅଭିଯୋଗ

ଜୟପୁର, ୩।୯ ( ନି.ପ୍ର.)

**ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନଚେଇବା ପ୍ରସଙ୍ଗ**

ମହିଳା ସମାଜିକ କର୍ମୀ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନଚାଇ ନିଜ ଭୁଲ ଲୁଚାଇବାକୁ କମଳାଙ୍କ ଦେଖାରେଖା ପାଇଁ ଯାଇଥିବା ରାଜୀବ ହିଆଲ ଓ କମଳାଙ୍କ ନାତି ଧନ ପତି ପୂଜାରୀଙ୍କ ନାମରେ ଦୋଷ ଦେଉଛନ୍ତି। ଏହାକୁ ନେଇ ରାଜୀବ ଶନିବାର ଟାଉନଥାନାରେ ଅଭିଯୋଗ କରିଛନ୍ତି। ପଦ୍ମଶ୍ରୀ କମଳା ଗତ କିଛି ଦିନ ତଳେ ଅସୁସ୍ଥ ହୋଇପଡିବାରୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରୁ କଟକ ଏସସିବି ମେଡିକଲାକୁ ସ୍ଥାନାନ୍ତ ହୋଇଥିଲେ। ତାଙ୍କ ସହ ନାତିଧନ ଓ ରାଜୀବ ଥିଲେ। ସେଠାରେ କମଳା ଭର୍ତ୍ତି ହେବାର ଦ୍ୱିତୀୟ ଦିନରେ ଜୟପୁରର ମହିଳା ସମାଜିକ କର୍ମୀ କମଳାଙ୍କ ବନ୍ଧୁ ବୋଲି ପରିଚୟ ଦେଇ ଚିକିତ୍ସାଳୟକୁ ଆସିଥିଲେ। ସେ ସାକ୍ଷାତ କରିବାକୁ ଆସି ସେଠାରେ ରହିଥିଲେ। ରାଜୀବ ଓ ଧନପତିଙ୍କ ଅନୁପସ୍ଥିତିରେ ସମ୍ପୃକ୍ତା ମହିଳା କମଳାଙ୍କୁ ଜୋର କରି ନଚାଇ ଏହାର ଭିଡିଓ ପ୍ରସ୍ତୁତ କରି ଭାଇରାଲ କରିଛନ୍ତି। ମାତ୍ର ନିଜ ଦୋଷ ଲୁଚାଇବାକୁ ଯାଇ ସେ ରାଜୀବ ଓ ନାତି ଧନପତି ଏହି ଭିଡିଓ କରିଥିବା କହିବା ପରେ ରାଜୀବ ଏନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାଜେଶ ଓ ମହିଳା ସମାଜିକ କର୍ମୀଙ୍କୁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯିବ। ସେମାନେ ଆସନ୍ତା ୬ ତାରିଖରେ ଉପ ଜିଲାପାଳଙ୍କ ନିକଟରେ ଉପସ୍ଥିତ ରହିବେ। ଏପରି ଘଟଣା କିପରି ଘଟିଲା ସେ ନେଇ ଉଭୟେ ନିଜ ପକ୍ଷ ରଖିବେ।

## ଦୁର୍ଗାପୂଜା ନେଇ ପ୍ରସ୍ତୁତି ବୈଠକ


ବୈଠକରେ ସଦସ୍ୟମାନେ ଆଲୋଚନା କରୁଛନ୍ତି।

ଏମ୍ଭି ୭୯,୩।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍ଭି-୭୯ ଠାରେ ୨ବର୍ଷ ପରେ ପୁଣି ଧୁମଧାମରେ ଦୁର୍ଗାପୂଜା ପାଳନ ହେବାକୁ ଯାଉଛି। ଏହି ପୂଜାକୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ଏମ୍ଭି-୭୯ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ନେଇ ଏକ ବୈଠକ ଶନିବାର ବସିଥିଲା। ବୈଠକରେ ପୂଜା ସମ୍ପର୍କିତ ସମସ୍ତ ଆଲୋଚନା କରାଯାଇଛି। ପୂଜା ଚାନ୍ଦା ପଇଁ କାହାକୁ ଜୋରଜବର ଦସ୍ତ ନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ପୂଜା ପାଇଁ ବିଭିନ୍ନ ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

## ଗର୍ଭବତୀ ଭାଣିଜୀଙ୍କୁ ଲୁହା ରଡରେ ପିଟି ଲହୁଲୁହାଣ କଲେ ମାମୁ

ମାଲକାନଗିରି,୩।୯ (ସ୍ୱ.ପ୍ର.)

**ଭିଡିଓ ହେଲା ଭାଇରାଲ**

ଜଣେ ମାମୁ ନିଜ ଭାଣିଜୀଙ୍କୁ ଲୁହା ରଡ଼ରେ ପିଟି ଲହୁଲୁହାଣ କରିଦେବା ପରି ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲା କରିଣ୍ଡଲ ଅଞ୍ଚଳରେ ଏପରି ଘଟଣା ଘଟିଛି। ଏହାର ଭିଡିଓ ଭାଇରାଲ ହୋଇଛି। ୮ ମାସର ଗର୍ଭବତୀ ଜଣେ ମହିଳାଙ୍କୁ ଲୁହା ରଡ ଓ ପଥରରେ ତିନି ଜଣ ପୁରୁଷ ନିସ୍ଥୁକ ମାଡ଼ ମାରୁଥିବାର ଦୃଶ୍ୟ ଭିଡିଓରୁ ଜଣାପଡିଛି। ଏହି ମାଡ଼ ମାରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ମହିଳାଙ୍କ ନିଜ ମାମୁ ରହିଛନ୍ତି। ଗର୍ଭବତୀ ମହିଳାଙ୍କୁ ତାଙ୍କ ମାଆ ଓ ଅନ୍ୟ ଜଣେ ମହିଳା ବଞ୍ଚାଇବାକୁ ଯାଇ ନିଜେ ମଧ୍ୟ ମାଡ଼ ଖାଇଥିବା ଜଣାପଡ଼ିଛି। ପାରିବାରିକ ଝଗଡାରୁ ଏଭଳି ଘଟିଥିବାବେଳେ ସ୍ଥାନୀୟ ବାସିନ୍ଦା କେବଳ ଦର୍ଶକ ସାଜିଥିଲେ। ଏହାକୁ ନେଇ ଏବେ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବ୍ୟବସାୟୀଙ୍କୁ ଗଞ୍ଜେଇ ଯୋଗାଇବା ଅଭିଯୋଗରେ ୨ ଗିରଫ

ମାଲକାନଗିରି,୩।୯ (ସ୍ୱ.ପ୍ର.)

ମାଲକାନଗିରି ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗୌଡ଼ଗୁଡା ଛକ ନିକଟରେ ଦ୍ରୁତ ଗତିରେ ଟ୍ରାକ୍ଟର ପଳାଥିବାବେଳେ ତାକୁ ଗୋଡ଼ାଇ ଧରିଥିଲେ। ସେଥିରୁ ୧୮୦ କେଜି ଗଞ୍ଜାଇ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ବାଲିମେଳା ନୂଆଗୁଡା ଗ୍ରାମର ମହେଶ୍ୱର ଭୂୟାଁ ଓ ଗୋବିନ୍ଦ ଖରା। ସେମାନଙ୍କଠାରୁ ୧୨ହଜାର ୫୦୦ ଟଙ୍କା ଜବତ ହୋଇଛି। ଉଭୟେ ବ୍ୟବସାୟୀଙ୍କୁ ଗଞ୍ଜେଇ ଯୋଗାଉଥିବା ପଚରାଉଚରା ବେଳେ ସ୍ୱୀକାର କରିଥିବା ମାଲକାନଗିରି ଥାନା ଅଧିକାରୀ ରିଙ୍ଗନ କିଣ୍ଡୋ କହିଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ଗିରଫ ହୋଇଥିବା ରାଜସ୍ଥାନର ଭରତପୁର ଅଞ୍ଚଳର ୫ଜଣଙ୍କୁ ପଚରାଉଚରା ବେଳେ ସେମାନଙ୍କଠାରୁ ସୂଚନା ପାଇ ପୋଲିସ ଶନିବାର ମହେଶ୍ୱର ଓ ଗୋବିନ୍ଦଙ୍କୁ ଗିରଫ କରିଛି।

## ଭାଜପା ମହିଳା ମୋର୍ଚ୍ଚାର ସାଙ୍ଗଠନିକ ବୈଠକ

ଜୟପୁର, ୩।୯ (ନି.ପ୍ର.)

ଭାରତୀୟ ଜନତା ପାର୍ଟି ଜୟପୁର କାର୍ଯ୍ୟାଳୟଠାରେ ଜିଲା ମହିଳା ମୋର୍ଚ୍ଚାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ମହିଳା ମୋର୍ଚ୍ଚା ସଭାପତି ସଞ୍ଜୁକ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ବବିତା ପାତ୍ର ମୁଖ୍ୟ ଅତିଥି ରୂପେ ଉପସ୍ଥିତ ଥିଲେ। ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଗୌତମ ସାମନ୍ତରାୟ, ଜିଲା ଉପ ସଭାପତି ଅଞ୍ଜଳି ମିଶ୍ର, ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାନ୍ତି ଚନ୍ଦ୍ର ଶେଖର ରଥ ଉପସ୍ଥିତ ରହି କୋରାପୁଟ ଜିଲାରେ ମହିଳା ମୋର୍ଚ୍ଚା ସଙ୍ଗଠନ ଉପରେ ଆଲୋଚନା କରିଥିଲେ। ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ପାତ୍ର ଜିଲାର ମହିଳାମାନଙ୍କ ସୁରକ୍ଷା, ମହିଳା ଓ ଶିଶୁମାନଙ୍କ ପୁଷ୍ଟିହୀନତା ଓ କୁପୋଷଣ, ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରରେ ଅବ୍ୟବସ୍ଥା ଉପରେ ମତ ରଖି ଆସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।



ବୈଠକରେ ଉପସ୍ଥିତ ଅତିଥିମାନେ।

## ଅବକାରୀ ଚଢ଼ାଉ, ୪ ଗିରଫ

ଜୟପୁର, ୩।୯ ( ନି.ପ୍ର.)

ଜୟପୁର ଅବକାରୀ ବିଭାଗ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଜଣେ ମହିଳାଙ୍କ ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ କର୍ମଚାରୀ ସଦର ଥାନା ଅନ୍ତର୍ଗତ କୁମୁଲିପୁଟ, ସୌରାଗୁଡା, ଝିଙ୍କରଗୁଡାଠାରେ ଚଢାଉ କରି ୪ ଅଭିଯୁକ୍ତଙ୍କଠାରୁ ୬୬ ଲିଟର ଦେଶୀ ମଦ ଜବତ କରିଥିଲେ। ଚଢାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାର୍ଣ୍ଡି ସାମିଲ ହୋଇଥିଲେ।


ଗିରଫ ୪ ଅଭିଯୁକ୍ତ।

## ଜିଲାସ୍ତରୀୟ ପୋଷଣ ମାସ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

କୋରାପୁଟ,୩।୯(ସ୍ୱ.ପ୍ର.)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଜିଲାସ୍ତରୀୟ ପୋଷଣ ମାସର ସ୍ଥିତି ଅନୁଧ୍ୟାନ କରିଛନ୍ତି ଜିଲାପାଳ ଅବଦାଲ ଏମ. ଅଖତାର। ମହିଳା ଓ ଶିଶୁମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଦୂର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ମାସରେ ରାଜ୍ୟରେ ପାଳିତ ହେଉଛି ପୋଷଣ ମାସ। ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଯୋଜନା ମାଧ୍ୟମରେ ମହିଳା ଓ ଶିଶୁମାନଙ୍କ ମଧ୍ୟରେ ପୁଷ୍ଟି ସ୍ଥିତିରେ ଉନ୍ନତି ସହ ସେମାନଙ୍କ ରକ୍ତ ସ୍ଥିତିରେ ଉନ୍ନତି ନେଇ ଅନୁଷ୍ଠିତ ବୈଠକରେ ଜିଲାପାଳ ଗୁରୁତ୍ୱରୋପ କରିଥିଲେ। ଏଥିରେ ଜିଲାର ସମସ୍ତ ସିଡିପିଓ, ଶିଶୁ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅସୁବିଧା ଭୋଗୁଛନ୍ତି ୫ ଗ୍ରାମର ଗ୍ରାମବାସୀ

କୋରାପୁଟ,୩।୯(ସ୍ୱ.ପ୍ର)

- ଭାରତମାଲା ରାସ୍ତା କାର୍ଯ୍ୟ ଯୋଗୁ ରାସ୍ତା ଖରାପ
- ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଲେ

ଭାରତମାଲା ପ୍ରକଳ୍ପ ରାସ୍ତା ନିର୍ମାଣ ନିମନ୍ତେ କୋରାପୁଟ ବ୍ଲକର ମସ୍ତିପୁଟଠାରୁ ବଣ୍ଡାଗୁଡା ଗ୍ରାମ ରାସ୍ତା ଦେଇ ଭାରଯାନଗୁଡିକ ଯାତାୟାତ କରୁଥିବାରୁ ଏହି ଗ୍ରାମ ରାସ୍ତା ଖରାପ ହୋଇଗଲାଣି। ଫଳରେ ମସ୍ତିପୁଟ ପଞ୍ଚାୟତର ବଣ୍ଡାଗୁଡା, ବାସପୁଟ, ବଣ୍ଡାମାଳିଗୁଡା, ହିରିଡିପୁଟ ଓ ବଣ୍ଡାଲିଟିମାଳିଗୁଡା ଗ୍ରାମର ଗ୍ରାମବାସୀମାନେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ସେମାନେ ଏନେଇ ଜିଲାପାଳ ଅବଦାଲ ଏମ. ଅଖତାରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେଇଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ହେଲେ ଏହି ରାସ୍ତା କାଦୁଅ ପରିପୂର୍ଣ୍ଣ ହୋଇଯାଉଛି। ଗର୍ତ୍ତଗୁଡିକରେ ପାଣି ଜମା ରହି ସମସ୍ୟା ସୃଷ୍ଟି କରୁଛି। ଉପରୋକ୍ତ ଗ୍ରାମବାସୀମାନେ ନିଜ ଗ୍ରାମକୁ ଯିବାକୁ ନାହିଁ ନ ଥିବା ଅସୁବିଧାରେ ପଡୁଛନ୍ତି। ଏହି ରାସ୍ତାରେ ଥିବା କିଛି କଲଭର୍ଟ ମଧ୍ୟ ଦବିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରି ତୁରନ୍ତ ରାସ୍ତା ମରାମତି ଲାଗି ଦାବି କରିଛନ୍ତି। ଜିଲାପାଳ ରାସ୍ତା ମରାମତି କରିବାକୁ ପ୍ରତିଶ୍ରୁତି ଦେଇଥିବା ଗ୍ରାମର ସୁବାଷ ଖରା କହିଛନ୍ତି। ସୂଚନା ଯୋଗ୍ୟ ଯେ, ରାସ୍ତା ଅବସ୍ଥା ବର୍ଷା ହେଲେ ଏପରି ହେଉଛି ଯେ, ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି।

## ଦୁଇ ମାମଲାରେ ୨ ଅଭିଯୁକ୍ତ ଗିରଫ

ଜୟପୁର, ୩।୯ (ନି.ପ୍ର.)

ଦୁଇଟି ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ସ୍ଥାନୀୟ ମହିଳା ପୋଲିସ କୋର୍ଟଚାଲାଣ କରିଛି। ସେମାନେ ହେଲେ ସେମୁଗୁଡାର ରାମଚନ୍ଦ୍ର କିର୍ଷାନି ଓ ଏକମ୍ବା ଗ୍ରାମର ରାଜେନ୍ଦ୍ର ଟାକରି। ଖବରରୁ ଜଣାପଡିଛି ସେମୁଗୁଡାର ରାମଚନ୍ଦ୍ରଙ୍କ ସହ ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୨ବର୍ଷ ତଳେ ଚୈତ ମାସରେ ସମ୍ପର୍କୀୟଙ୍କ ଘରକୁ ବୁଲାଇ ନେବି କହି ରାମଚନ୍ଦ୍ର ଯୁବତୀଙ୍କ ଅନିଚ୍ଛା ସ୍ୱତ୍ତ୍ୱେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଯୁବତୀ ଜଣକ ଗର୍ଭବତୀ ହେବାରୁ ସେ ତାଙ୍କର ଗର୍ଭପାତ କରି ତାଙ୍କ ସହ ପ୍ରତାରଣା କରିଥିଲେ ବୋଲି ଯୁବତୀ ଜଣକ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏହାର ତଦନ୍ତ କରି ରାମଚନ୍ଦ୍ରଙ୍କୁ ଗିରଫ କରିଛି। ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ସାନ ଜିଉନା ଗ୍ରାମର ଜଣେ ଯୁବତୀଙ୍କ ସହ ଏକମ୍ବା ଗ୍ରାମର ରାଜେନ୍ଦ୍ର ଛୁରି ଧରି ଯୁବତୀଙ୍କ ଘରକୁ ଯାଇ ଧମକଚମକ ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଥିଲେ। ଯୁବତୀ ଜଣକ ପରେ ବାଧ୍ୟ ରାଜେନ୍ଦ୍ରଙ୍କୁ ବିବାହ କରିଥିଲେ। ୩ ମାସ ତାଙ୍କ ସହ ଭଲରେ କଟିଥିବା ବେଳେ ରାଜେନ୍ଦ୍ର ତାଙ୍କୁ ଘରୁ ବାହାର କରି ଦେଇଥିଲେ। ଫଳରେ ଯୁବତୀ ଜଣକ ମହିଳା ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ରାଜେନ୍ଦ୍ରଙ୍କୁ ଗିରଫ କରିଛି।

## ବିଦ୍ୟାଳୟରୁ ଚୋରି

ଚିକିଟି,୩।୯(ଡି.ଏନ.ଏ.)

କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ଚିକିଟି ପେଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ପ୍ରଧାନ ଶିକ୍ଷକ ରବିନାରାୟଣ ସାହୁ ଚିକିଟି ଫାଣ୍ଡିରେ ଲିଖିତ ଅଭିଯୋଗ ଜଣାଇବା ପରେ ଚିକିଟି ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। କୌଣସି ବ୍ୟକ୍ତି ବିଦ୍ୟାଳୟର ପାଚେରୀ ଅଫିସ ରୁମ ସମେତ ୩ଟି କୋଠରୀ ଚାବି ଭାଙ୍ଗି ଆଲମାରୀ ଖୋଲି କାଗଜପତ୍ର ଏଣେ ତେଣେ ଫୋପାଡ଼ି ଦେବା ଜଣାପଡିଛି।

## କନ୍ଧୁଣୀଦେବୀଙ୍କ କଣ୍ଟାପିଡ଼ା ଯାତ୍ରା ୭ରୁ

ସୋରଡ଼ା, ୩।୯ (ଡି.ଏନ୍.ଏ)

ଗଞ୍ଜାମ ପ୍ରସିଦ୍ଧ ସୋରଡ଼ାର ମା' କନ୍ଧୁଣୀଦେବୀଙ୍କ କଣ୍ଟାପିଡା ଯାତ୍ରା ଅଶିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାଳିତ ହୋଇଆସୁଛି। ଏହି ଅବସରରେ ଚଳିତ ବର୍ଷ ଆସନ୍ତା ୭ ତାରିଖରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏହି ଉତ୍ସବ ୧୭ତାରିଖ ପର୍ଯ୍ୟନ୍ତ ଚାଲିବ। ୭ ତାରିଖରୁ ଅଞ୍ଚଳରେ ଢୋଲ ମହୁରି ଶବ୍ଦ ସହିତ ପୁରା ଅଞ୍ଚଳ ଉତ୍ସବ ମୁଖରିତ ହେବ। ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ରଥାପଡାଠାରେ ଅସ୍ଥାୟୀ ମଣ୍ଡପରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବଡଦାଣ୍ଡରେ ପଲିଶ୍ରୀ ମେଳା ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାରମାନେ ଯୋଗଦେବେ। ୧୭ ତାରିଖରେ କଣ୍ଟାପିଡା ଯାତ୍ରାର ଉଦଯାପନୀ ସମାରୋହରେ କଣ୍ଟା ଦୋଳିରେ ପୋଛୁଣି ଦେହରେ ବିଜେ ହୋଇ ଦର୍ଶନ ଦେବେ। ଶେଷଦିନ ରାତିରେ କଳାକାରମାନଙ୍କ ଦ୍ୱାରା ଭାଇ ଭଉଣୀଙ୍କ ନୂଆ କାହାଣୀ ଅପେରା ମଞ୍ଚସ୍ଥ ହେବ। ଏଥିପାଇଁ ବଡଦାଣ୍ଡଠାରେ ୬୦ ଫୁଟ ଉଚ୍ଚ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଚଳିତ ଥର ସବୁ ଅଞ୍ଚଳରୁ ଭକ୍ତ ଆସିବାର ସମ୍ଭାବନା ଅଛି ବୋଲି ଉପସଭାପତି କୈଳାଶ ପଣ୍ଡା, କୋଷାଧ୍ୟକ୍ଷ ପ୍ରମୋଦ ଅଧିକାରୀ କହିଛନ୍ତି।

## ଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭ ଦେଲେ ବିଧାୟକ

କୁଡୁମୁଲୁଗୁମ୍ମା, ୩।୯(ଡି.ଏନ.ଏ.)


କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ନିକଟସ୍ଥ ପରକନମାଳା ପଞ୍ଚାୟତର ସିରିପେଟା ସ୍ଥିତ ଦୟଣାକ୍ଷେତ୍ର ନାମରେ ପରିଚିତ ଜଗନ୍ନାଥ ମନ୍ଦିରର ବିଭିନ୍ନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ଶନିବାର ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଶୁଭ ଦେଇଛନ୍ତି। ମନ୍ଦିର ଟ୍ରଷ୍ଟର ସଭାପତି ସହଦେବ ଶିଷାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମନ୍ଦିର ପ୍ରାଙ୍ଗଣରେ ପାହାଚ, ପୋଖରୀ ଖନନ,ବଗିଚା ନିର୍ମାଣ ଭଳି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ। ଏହି ଅବସରରେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିମ୍ବ କିର୍ଷାନୀ, ଖଇରପୁଟ ବିଡିଓ ହୃଦାରଞ୍ଜନ ସାହୁ, ପରକନମାଳା ସରପଞ୍ଚ ମେନକାଶ୍ରୀ ଶିଷା, ସାମାଜିକ କର୍ମୀ ସାଧୁ ହନ୍ତାଳ, କନିଷ୍ଠ ଯନ୍ତ୍ରୀ ଅନୀଲ ମାଝି, କାଳନ୍ଦୀ ଚରଣ ପାତ୍ର, ହେମନ୍ତ ଦାସ, ଭଗବାନ ସାହୁ, ଅର୍ଜୁନ ଓଡି, ଭାଗୀରଥି ମୁଦୁଲି, ହୃଷୀକେଶ ସେଠୀ ଓ ଜିଆର୍ଏସ୍ ଦେବେନ୍ଦ୍ର ଖେମୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ବାକା ମନ୍ଦିରର ଚତୁଃପାର୍ଶ୍ୱ ବୁଲି ଦେଖିବା ସହ ଏହାର ପାଚେରି ନିର୍ମାଣ, ବୋର୍‌ୱେଲ ଖନନ ଓ ଶୌଚାଳୟ ନିର୍ମାଣରେ ଦୃଷ୍ଟିଦେବାକୁ ବିଡିଓଙ୍କୁ କହିଥିଲେ।

## ସଂକ୍ଷେପରେ

### ସ୍କୁଲରେ ବିଜ୍ଞାନଭିତ୍ତିକ ଆଲୋଚନାଚକ୍ର 'ସନ୍ଧାନ'



ଉମରକୋଟ, ୩।୯(ସ୍ୱ.ପ୍ର.)- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୟୁ.ଭି. ୧ ବଡ଼କୁମାରୀ ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ସହ ବିଜ୍ଞାନ ଭିତ୍ତିକ ଆଲୋଚନା ଚକ୍ର 'ସନ୍ଧାନ' ଅନୁଷ୍ଠିତ ହୋଇଯାଇଛି। ପିଲାଙ୍କୁ ବିଜ୍ଞାନ ପ୍ରତି ଅକୃଷ୍ଟ କରି ମନରେ ଥିବା ପ୍ରଶ୍ନକୁ ଦୂର କରିବା ଏବଂ ଆଧୁନିକ ଯୁଗରେ ବିଜ୍ଞାନର ଆବଶ୍ୟକତା କେତେ ତାହା ଜାଣିବାକୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କଳିଙ୍ଗ ହାଇସ୍କୁଲର ଛାତ୍ରୀଛାତ୍ରମାନେ ମଧ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଭୁକ୍ତା ମୁଖ୍ୟ ଅତିଥି ଓ ଭୁବନେଶ୍ୱରସ୍ଥିତ ଭାରତୀୟ ପ୍ରଦୌଗିକ ସଂସ୍ଥାନ ବୈଜ୍ଞାନିକ ରବି ରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିଶୁ ମାନଙ୍କ ବିଜ୍ଞାନ ଭିତ୍ତିକ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ଅତିଥି। ବାତ୍ୟା, ଝଡ଼ ସୁନାମୀ ଭଳି ବିପର୍ଯ୍ୟୟର କାରଣ ଉପରେ ବିସ୍ତୃତ ବିବରଣୀ ସହ ବୁଝାଇଥିଲେ ବୈଜ୍ଞାନିକ ରବି ରଞ୍ଜନ ତ୍ରିପାଠୀ। ଏଭଳି କାର୍ଯ୍ୟକ୍ରମ ଆୟୋଜନ ଫଳରେ ପିଲାଙ୍କୁ ପାଠ ପ୍ରତି ଅଧିକ ଆକୃଷ୍ଟ କରାଯାଇ ପାରିବ ବୋଲି ବୈଜ୍ଞାନିକ ତ୍ରିପାଠୀ କହିଛନ୍ତି। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଅତିଥିଙ୍କୁ ଉପଢୌକନ ପ୍ରଦାନ ସହ ବୈଜ୍ଞାନିକ ତ୍ରିପାଠୀଙ୍କୁ କୃତଜ୍ଞତା ପତ୍ର କରିଥିଲେ ପ୍ରଧାନ ଶିକ୍ଷକ ଗଣେଶ ପ୍ରସାଦ ରଣା ପ୍ରଦାନ କରିଥିଲେ। ବିଦ୍ୟାଳୟ ସଭାପତି ନିରଞ୍ଜନ ମିସ୍ତ୍ରୀ, ପ୍ରଧାନଶିକ୍ଷକ ଗଣେଶ ପ୍ରସାଦ ରଣା, ଶିକ୍ଷୟିତ୍ରୀ କୌଶଲ୍ୟା ନାୟକ, ପୁଷ୍ପିତା ପଣ୍ଡା, ସସ୍ମିତା ବେହେରା, ଗୀତାଞ୍ଜଳି ଦାସ, ପ୍ରଭାସିନୀ ଗୌଡ଼, ଶିକ୍ଷକ ବରୁଣ ଦାସ, ପ୍ରତାପ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଂଶଧାରା ନଦୀରେ ବୁଡ଼ି ମହିଳା ମୃତ

କାଶୀନଗର,୩।୯: କାଶୀନଗର ଥାନା ଖାଣ୍ଡବା ପଞ୍ଚାୟତ ପାଲସିଂଠାରେ ବଂଶଧାରା ନଦୀରେ ବୁଡ଼ି ଯାଇ ତୁନି ବେହେରା (୩୭)ଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ ବିଭାଗ ମହିଳାଙ୍କୁ ଉଦ୍ଧାର କରିଥିଲା। ଏ ନେଇ କାଶୀନଗର ଥାନାରେ ନଂ. ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଘଟଣାସ୍ଥଳକୁ ସ୍ଥାନୀୟ ଅତିରିକ୍ତ ତହସିଲଦାର କୁମୁଦ ରଞ୍ଜନ ଦଳବେହେରା ଯାଇ ଉଦ୍ଧାର କାର୍ଯ୍ୟରେ ସହାୟତା ପ୍ରଦାନ କରିଥିଲେ।

### ଗଣେଶ ବିସର୍ଜନ ବେଳେ ଋଷିକୁଲ୍ୟାରେ ବୁଡ଼ି ଯୁବକ ମୃତ

ପୁରୁଷୋତ୍ତମପୁର,୩।୯(ଡି.ଏନ୍.ଏ.) - ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅଲାଡ଼ି ଗାଁରେ ଶୁକ୍ରବାର ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇଥିବା ବେଳେ ଋଷିକୁଲ୍ୟା ନଦୀରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଲାଡ଼ି ଗାଁର ଗଣେଶ ମିଶ୍ରଙ୍କ ପୁଅ ରାକେଶ (୧୯)। ରାକେଶ ସାଙ୍ଗମାନଙ୍କ ସହ ମିଶି ଶୁକ୍ରବାର ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ନଦୀକୁ ଯାଇ ମେଢ଼ ବିସର୍ଜନ କରିଥିଲେ। ଏହି ସମୟରେ ସମସ୍ତେ ଫେରିଥିବା ବେଳେ ରାକେଶ ଫେରିନଥିଲେ। ସାଙ୍ଗମାନେ ନଦୀକୁ ଯାଇ ଖୋଜିବା ବେଳକୁ ତାଙ୍କୁ ପାଣିରେ ଭାସୁଥିବାର ଦେଖିଥିଲେ। ସେଠାରୁ ରାକେଶଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ଏଏସ୍ଆଇ ସିଦ୍ଧେଶ୍ୱର ରଣବୀର ମୃତଦେହ ଜବତ କରି ନଂ.୨୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶନିବାର ବ୍ୟବଚ୍ଛେଦ କରାଇଛନ୍ତି।

# ଜଳବନ୍ଦୀ ଗାଁକୁ ନାହିଁ ବୋଟ୍ ଆମ୍ବୁଲାନ୍ସ ସୁବିଧା

ତେନ୍ତୁଲିଖୁଣ୍ଟି, ୩।୯(ଡି.ଏନ୍.ଏ.)



- ଡଙ୍ଗାରେ ନଦୀ ପାର ହୋଇ ଗଲେ ମିଳେ ଆମ୍ବୁଲାନ୍ସ, ଗାଡ଼ି
- ବର୍ଷେ ହେବ ଗାଁରେ କାମ କରୁନାହାନ୍ତି ଆଶା କର୍ମୀ, ନୂଆ ଆଶା କର୍ମୀ ନିଯୁକ୍ତି ଦାବି

ଜଳବନ୍ଦୀ ଅଞ୍ଚଳର ଲୋକଙ୍କୁ ଯେପରି ଡାକ୍ତରଖାନାରେ ଯିବାରେ କୌଣସି ଅସୁବିଧା ନ ହେବ, ସେ ନେଇ ବୋଟ୍ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଇନ୍ଦ୍ରାବତୀ ଜଳଭଣ୍ଡାର ଅବବାହିକା କଳାହାଣ୍ଡି ଜିଲାକୁ ଏହି ବୋର୍ଟ ଆମ୍ବୁଲାନ୍ସ ସେବା ମିଳିଲା। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକକୁ ଏହି ସୁବିଧା ମିଳିନାହିଁ। ଏହା ଭିତରେ ବୋଝ ଉପରେ ନଳିତାବିଡ଼ା ଭଳି ବ୍ଲକର ମଞ୍ଜାଗାଁ ପଞ୍ଚାୟତ ଟାଙ୍ଗିନିକୋଟ ଓ ବାଗ୍ରା ଗାଁରେ ଥିବା ଆଶାକର୍ମୀ କାମ କରୁନାହାନ୍ତି। ତେଣୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ଲୋକଙ୍କୁ ବିଭିନ୍ନ ଅସୁବିଧା ଭୋଗିବାକୁ ପଡୁଛି।

ଟାଙ୍ଗିନିକୋଟ ଓ ବାଗ୍ରା ଗାଁରେ ଦୀର୍ଘ ବର୍ଷ ହେବ ଆଶାକର୍ମୀ ନିୟୋଜିତ ଥିଲେ। ସେ ଠିକ୍‌ଭାବେ ନିଜ ଦାୟିତ୍ୱ ସମ୍ପାଦନ ମଧ୍ୟ କରିଥିଲେ। କିନ୍ତୁ ସେ ଏବେ ବର୍ଷେ ହେବ ଆଉ କାମ କରୁନାହାନ୍ତି। ଏହା ଭିତରେ ଗାଁରେ ଝାଡ଼ାବାନ୍ତି ବ୍ୟାପୁଛି। ଗାଁର ଅନେକେ ଏବେ ଝାଡ଼ାବାନ୍ତିରେ ଆକ୍ରାନ୍ତ। ଡାକ୍ତରଖାନା ନେବାକୁ ହେଲେ ଦେଶୀ ଡଙ୍ଗାରେ ନଦୀ ପାର ହୋଇ କେନ୍ଦୁଗୁଡ଼ା ଘାଟକୁ ଯିବାକୁ ହୁଏ। ଏହା ପରେ ସେଠାରୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ିରେ ତେନ୍ତୁଳିଖୁଣ୍ଟି ଡାକ୍ତରଖାନା ଯାଇହେବ। ଝାଡ଼ାବାନ୍ତି ବ୍ୟାପୁଥିବାରୁ ସୋମବାର ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଯାଇ ସେଠାରେ ସଚେତନ କରିଛନ୍ତି। ବର୍ଷା ଦିନରେ କ'ଣ ସବୁ ପଦକ୍ଷେପ ନେଲେ ଝାଡାବାନ୍ତି ବ୍ୟାପିବନି ସେ ବିଷୟରେ ସଚେତନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସମଲାଇ ପ୍ରସାଦ ପଣ୍ଡା ସିଡିଏମ୍ଓ କାଳୀ ପ୍ରସାଦ ବେହେରାଙ୍କ ନିର୍ଦ୍ଦେଶରେ ଜଳବନ୍ଦୀ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଜଳବନ୍ଦୀ ଅଞ୍ଚଳକୁ ସବୁବେଳେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ରହି କାମ କରିବା କଷ୍ଟକର। ତେଣୁ ଆଶା କର୍ମୀମାନେ ହିଁ ଗର୍ଭବତୀ ତଥା ପଞ୍ଚବ୍ୟାଧିର ଉପଚାର ସହ ଜରୁରିକାଳୀନ ସ୍ଥିତିରେ ଆମ୍ବୁଲାନ୍ସ ବ୍ୟବସ୍ଥା କରାଇଥାନ୍ତି। କିନ୍ତୁ ଆଶା କର୍ମୀ ନ ଥିବାରୁ ଏଠାରେ ଏ ସବୁରେ ଅସୁବିଧା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁର ସୁନାମଣି ଜାନ ଏବେ ବିନା ପାରିଶ୍ରମିକରେ ଲୋକଙ୍କୁ ଡାକ୍ତରଖାନା ନେବା ବ୍ୟବସ୍ଥା କରାଉଛନ୍ତି। ଗାଁକୁ ବୋଟ୍ ଆମ୍ବୁଲାନ୍ସ ସେବା ଓ ନୂତନ ଆଶା କର୍ମୀ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଡଲଙ୍ଗ, ଗୁରୁମାଇଗୁଡା, ବାଗ୍ରା, ଝଲାଗୁଡା, ଟାଙ୍ଗନୀକୋଟ ଆଦି ଜଳବନ୍ଦୀ ଅଞ୍ଚଳକୁ ତୁରନ୍ତ ବୋଟ୍ ଆମ୍ବୁଲାନ୍ସ ସୁବିଧା, ଝାଡ଼ାବାନ୍ତି ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ଜଳବନ୍ଦୀ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଟିମ୍ ରହି ଚିକିତ୍ସା ସେବା ଯୋଗାଇ ଦେଉ ବୋଲି କଂଗ୍ରେସ ଆଦିବାସୀ ସେଲ୍ ଜିଲା ସଭାପତି ଦିଲୀପ ପ୍ରଧାନୀ ଦାବି କରିଛନ୍ତି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ସମଲାଇ ପ୍ରସାଦ ପଣ୍ଡାଙ୍କୁ ପଚାରିବାରୁ ଜଳବନ୍ଦୀ ଅଞ୍ଚଳରୁ ଆସିଥିବା ଝାଡାବାନ୍ତି ଆକ୍ରାନ୍ତ ସୁସ୍ଥ ହୋଇ ଗଲେଣି ବୋଲି କହିଛନ୍ତି। ଆଶାକର୍ମୀ ନିଯୁକ୍ତି ପାଇଁ ସିଡିଏମ୍ଓଙ୍କୁ ଅନୁମତି ମଗାଯାଇଛି। ୧୦୮ ବୋଟ ଆମ୍ବୁଲାନ୍ସ ଆମ ଅଧିକାର ପରିସରଭୁକ୍ତ ନୁହେଁ ବୋଲି ସେ କହିଛନ୍ତି।

## ବରପୁତ୍ରଙ୍କ ପ୍ରତିମୂର୍ତ୍ତି, ଶହୀଦ ମିନାରରେ ଝୁଲୁଛି ଶୁଖିଲା ଫୁଲମାଳ

ପାପଡ଼ାହାଣ୍ଡି, ୩।୯(ଡି.ଏନ୍.ଏ.)

ଅଗଷ୍ଟ ୨୪ରେ ଚଳିତ ବର୍ଷର ଶହୀଦ ସ୍ମୃତି ଦିବସକୁ ବହୁ ଆଡ଼ମ୍ବରରେ ପାଳନ କରିଛି ଜିଲା ପ୍ରଶାସନ । ଉକ୍ତ ଦିନରେ ମିନାରକୁ ସଜାଯାଇଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏ ଦିଗରେ କାହାର ନଜର ନାହିଁ। ଏବେବି ଶୁଖିଲା ଫୁଲମାଳ ଝୁଲୁଛି ମିନାର ଏବଂ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ। ସେଦିନର ଅଳିଆ ଆବର୍ଜନା ସେପରି ଶହୀଦ ମିନାର ପରିସରରେ ପଡ଼ିରହିଛି। ଶୀଘ୍ର ଏହା ହଟାଇବାକୁ ଦାବି ହୋଇଛି।

୧୯୪୨ ଅଗଷ୍ଟ ୨୪ ଭାରତ ଛାଡ଼ ଆନ୍ଦୋଳନ ସମୟରେ ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀଙ୍କର ମୂକ ସାକ୍ଷୀ ହେଉଛି ପାପଡାହାଣ୍ଡି ଶହୀଦ ମିନାର। କିନ୍ତୁ ଏହାର ରକ୍ଷଣାବେକ୍ଷଣ ପ୍ରତି ନଜର ଦେଉନି ପ୍ରଶାସନ। ଫଳରେ କୁଡ଼କୁଡ଼ ଅଳିଆ ଓ ମଦ ବୋତଲ ଏହାର ପରିବେଶକୁ କଦର୍ଯ୍ୟ କରିବାରେ ଲାଗିଛି। ବିଡ଼ମ୍ବନାର ବିଷୟ ଅଗଷ୍ଟ ୨୪ରେ ଯେଉଁ ଫୁଲରେ ସାଜସଜ୍ଜା କରାଯାଇଥିଲା ତାହା ଏପର୍ଯ୍ୟନ୍ତ ଶୁଖି ଶହୀଦ ମିନାରରେ ଝୁଲୁଛି। ଅଗଷ୍ଟ ୨୪ ପରେ ଏହାର ପରିବେଶକୁ ସଫାସୁତୁରା କରାଯାଇନାହିଁ। ଆବର୍ଜନା, ଶୁଖିଲା ଫୁଲମାଳ ଦେଖିଲେ ପ୍ରଶାସନର ସଂଗ୍ରାମୀଙ୍କ ପ୍ରତି କେତେ ଦରଦ ବାରି ହେଉଛି। ସନ୍ଧ୍ୟା ହେବାମାତ୍ରେ ଉକ୍ତ ସ୍ଥାନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଯେକୌଣସି ପର୍ଯ୍ୟଟକ ଆସିଲେ ଏହା ଦେଖି ବିରକ୍ତି ହେଉଛନ୍ତି। ଅବହେଳିତ ଶହୀଦ ମିନାରକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ବାରମ୍ବାର ବ୍ଲକ ପ୍ରଶାସନକୁ ଅବଗତ ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବି ସ୍ଥାଣୁ ପାଲଟିଛି ପ୍ରଶାସନ। ଶୀଘ୍ର ଏହାର ରକ୍ଷାଣ ବେକ୍ଷଣ ପ୍ରତି ନଜର ଦେବାକୁ ସାମାଜିକ କର୍ମୀ ରାଜକିଶୋର ରାଓ ଏବଂ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏ ନେଇ ଡିଆର୍‌ଡିଏ ପିଡି ରତ୍ନାକର ସାହୁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ବିଡିଓଙ୍କୁ ଅବଗତ କରିବି। ଶହୀଦ ମିନାରର ସଫେଇ ଯେପରି ତୁରନ୍ତ ହେବ ସେ ଉପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଶହୀଦ ମିନାର ଏବଂ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଲାଗିଥିବା ଶୁଖିଲା ଫୁଲମାଳ।

## ମିଳିଲାନି ୧୦୮ ଆମ୍ବୁଲାନ୍ସ

ତେନ୍ତୁଳିଖୁଣ୍ଟି, ୩।୯( ଡି.ଏନ୍.ଏ.)

ଜଳବନ୍ଦୀ ଅଞ୍ଚଳ ପୋଡପଦର ପଞ୍ଚାୟତ କାରବାଡି ଗ୍ରାମରେ ଝାଡାବନ୍ତିରେ ଆକ୍ରାନ୍ତ ଟିମାଇ ମାଝିଙ୍କୁ ସ୍ୱାସ୍ଥ୍ୟକନ୍ଦ୍ରେ ନେବାକୁ ଆମ୍ବୁଲାନ୍ସ ମିଳିଲାନି। ଅଟୋଭଡ଼ା କରି ତାଙ୍କୁ ଡାକ୍ତରଖାନା ନିଆଯାଇଛି। ଏବେ ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ରୋଗୀଙ୍କୁ ଡାକ୍ତରଖାନା ନେବା ଭିତରେ ଯଦି କିଛି ଅସୁବିଧା ହୋଇଥାନ୍ତା ଏଥିପାଇଁ କିଏ ଦାୟୀ ହୋଇଥାନ୍ତେ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ଜଳବନ୍ଦୀ ଅଞ୍ଚଳ ହେତୁ ଟିମାଇଙ୍କୁ ୧୦୮ ବୋଟ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପୋଡ଼ାଗଡ଼ ବନ୍ଧ ପର୍ଯ୍ୟନ୍ତ ଅଣାଯାଇଥିଲା। କିନ୍ତୁ ବହୁ ଘଣ୍ଟା ଚେଷ୍ଟା କରିବା ସତ୍ତ୍ୱେ ୧୦୮ ଆମ୍ବୁଲାନ୍ସ ମିଳିଲାନି। ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି,ଖାତିଗୁଡା ଏପରିକି ନବରଙ୍ଗପୁରରେ ରହୁଥିବା ୧୦୮ ଆମ୍ବୁଲାନ୍ସ ଅନ୍ୟତ୍ର ଯାଇଥିବାରୁ ଉପଲବ୍ଧ ହୋଇ ପାରିଲାନି। ଶେଷରେ ଅଟୋ ଭଡା କରି ଖାତିଗୁଡାସ୍ଥିତ ପ୍ରକଳ୍ପ ଡାକ୍ତରଖାନାକୁ ଟିମାଇଙ୍କୁ ନେଇଥିଲେ ପରିବାର ଲୋକ। କିନ୍ତୁ ପ୍ରକଳ୍ପ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ମିଳି ପରିଲାନି। ଡାକ୍ତର ନ ଥିବାରୁ ଡାକ୍ତରଖାନାରୁ ଫେରାଇ ଦିଆଗଲା। ଘଟଣା ସମ୍ପର୍କରେ ଜାଣି ଜଣେ ସାମାଜିକ କର୍ମୀ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଦୀପ ଦାସଙ୍କୁ ଯୋଗାଯୋଗ କରିଥିଲେ। ଅଟୋ ଭଡ଼ାକରି ଆସନ୍ତୁ ଭଡା ଟଙ୍କା ନିଜେ ପଇଠ କରିବି ବୋଲି ସ୍ୱାସ୍ଥ୍ୟ ପରିଦର୍ଶକ କହିବା ପରେ ଟିମାଇଙ୍କୁ ତାଙ୍କ ପରିବାର ଲୋକେ ଅଟୋରେ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଏବେ ଟିମାଇଙ୍କ ଚିକିତ୍ସା ଚାଲିଛି।

## ସମାଜର ରୀତିନୀତି ମାନିବାକୁ ଆହ୍ୱାନ



ଜିଲା ପରଜା ସମାଜ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପାପଡ଼ାହାଣ୍ଡି,୩।୯(ଡି.ଏନ୍.ଏ.)

### ଜିଲା ପରଜା ସମାଜ ପ୍ରତିଷ୍ଠା ଦିବସ ପାଳନ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟରେ ଶନିବାର ଜିଲା ପରଜା ସମାଜ ବିକାଶ ପରିଷଦର ୨୩ତମ ପ୍ରତିଷ୍ଠା ଦିବସ ସହ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଶିବପ୍ରସାଦ ଅଗ୍ରୱାଲ, ଜିଲା ସଭାପତି ବୁଦ୍ଧୁ ଜାନି, ଉପଦେଷ୍ଟା ବଳଭଦ୍ର ମୁଦୁଲି, ଖଗପତି ଜାନି, ବନ ଚାଲାଣ, ପନକୁ ନାୟକ, ଯୁଧିଷ୍ଠିର ଜାନିଙ୍କ ସହ ଜିଲାର ସମସ୍ତ ବ୍ଲକ ସଭାପତି ଏବଂ କର୍ମକର୍ତ୍ତା ଭାଗ ନେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଗ୍ରାମଦେବୀଙ୍କ ନିକଟରେ ପହଞ୍ଚିବାପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ସମାଜ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପୂର୍ବ ସଦସ୍ୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସମାଜର କିପରି ବିକାଶ ହେବ, ସମାଜର ପୁଅ ଓ ଝିଅମାନେ କିପରି ଆଗକୁ ବଢ଼ିବେ, ସମାଜର ଯେଉଁ ରୀତିନୀତି ଅଛି ସମସ୍ତେ ମାନିବେ ଓ ଅନ୍ୟ ଧର୍ମ ପ୍ରତି ଆକୃଷ୍ଟ ନ ହେବାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ନିଶା ଛାଡ଼ି ମୁଖ୍ୟ ସ୍ରୋତରେ ସାମିଲ ହେବା, ଯୌତୁକ ପ୍ରଥା ବନ୍ଦ, ପିଲାଙ୍କ ପାଠପଢ଼ା ପ୍ରତି ଗୁରୁତ୍ୱ ଦେବାକୁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ନୂଆଖାଇ ଅବସରରେ ଉପସ୍ଥିତ ସମସ୍ତେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଗ୍ରାମରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ପାପଡ଼ାହାଣ୍ଡି ବ୍ଲକ ସଭାପତି ନରସିଂହ ଜାନିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଏକତା ଡୋରିରେ ବାନ୍ଧି ପରମ୍ପରା ବଞ୍ଚାଇ ରଖିବାର ପର୍ବ ନୂଆଁଖାଇ



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର,୩।୯(ବି.ପ୍ର.)

### ନବରଙ୍ଗପୁରରେ ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ଅବସରରେ ନବରଙ୍ଗପୁର ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପରେ ଜିଲାପାଳ କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଡ. ରାଧାନାଥ ବେହେରା, ବିଜୟ କୁମାର ଚୌଧୁରୀ, ମନୋରମା ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଅତିଥିମାନେ ନୂଆଁଖାଇ ପାଳନ ଉଦ୍ଦେଶ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଭାଇଚାରା ସମ୍ପର୍କର ଗଣପର୍ବ ନୂଆଁଖାଇ କେବଳ ପଶ୍ଚିମ ଓଡ଼ିଶାର ସୀମିତ ହୋଇ ନାହିଁ । ଏହାକୁ ଓଡ଼ିଶାର କୋଣ ଅନୁକୋଣରେ ପାଳନକରା ଯାଉଛି। ଭାଇଚାରା ସମ୍ପର୍କକୁ ବଜାୟ ରଖିବାର ଏହା ଏକ ବଡ଼ ପର୍ବ ବୋଲି କହି ସମସ୍ତଙ୍କୁ ନୂଆଁଖାଇ ଜୁହାର ସହିତ ଶୁଭେଚ୍ଛା ଜଣାଇଥିଲେ ମୁଖ୍ୟ ଅତିଥି। ବର୍ଷକର ପାରିବାରିକ ତଥା ସାମାଜିକ ବାଦବିବାଦର ଅବସାନ ନୂଆଁଖାଇ ପର୍ବରେ ହୋଇଥାଏ। ସମସ୍ତେ ଭେଦଭାବ ଭୁଲି ଏକତ୍ର ହୋଇ ଏହି ଅବସରରେ ଭାଇଚାରା ସମ୍ପର୍କକୁ ବଜାୟ ରଖିଥାନ୍ତି ବୋଲି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଭାଇଚାରା ସମ୍ପର୍କକୁ ଏକତାର ଡୋରିରେ ବାନ୍ଧି ରଖିବା ଏବଂ ସାଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖିବାର ପର୍ବ ହେଉଛି ନୂଆଁଖାଇ। ଆମ ସଂସ୍କୃତି ହିଁ ଆମ ପରିଚୟ। ଆମ କଳା, ସଂସ୍କୃତିକୁ ବଞ୍ଚାଇ ରଖିବା ନେଇ ଜିଲାପାଳ ଆଲୋକପାତ କରିଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। ଏହି ଅବସରରେ ଜିଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଚାଲିଚାଲି ନଦୀପାର ବେଳେ ଆସିଲା ପାଣି, ଭାସିଗଲେ ବ୍ୟକ୍ତି

ଉମରକୋଟ, ୩।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଅଧୀନ ଦଲସର୍ଗି ନଦୀର ପାଣି ସ୍ରୋତରେ ଜଣେ ବ୍ୟକ୍ତି ଭାସିଯାଇ ନିଖୋଜ ଅଛନ୍ତି। ସେ ହେଲେ ଜବିପଡ଼ା ଗ୍ରାମର ମାନସିଂ ମାଝି (୫୦)।

ମାନ ସିଂ ଦଲସର୍ଗିରେ ଗୋଟିଏ କୁଡ଼ିଆଘର ବାନ୍ଧି ସେଠାରେ ଚାଷବାସ କରୁଥିଲେ। ଶନିବାର ଦଲସର୍ଗି ନଦୀ ପାରହୋଇ ସିରା ସାହିସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଫେରିବା ବେଳେ ଭୀଷଣ ବର୍ଷା ହୋଇଥିଲା। ମାନ ସିଂ ଚାଲିଚାଲି ନଦୀ ପାରହେବା ସମୟରେ ନଦୀରେ ଭାସିଯାଇଥିଲେ। ସେ ପହଁରା ଜାଣି ନ ଥିବା ଓ ସ୍ରୋତ ପ୍ରଖର ଥିବାରୁ ସେ ଆଉ କୂଳକୁ ଆସି ପାରି ନ ଥିଲେ। ପ୍ରତ୍ୟକ୍ଷ ଦର୍ଶୀଙ୍କଠାରୁ ଖବର ପାଇ ପୂର୍ବତନ ସରପଞ୍ଚ ଜଳନ୍ଧର ମାଝି ଉମରକୋଟ ଅଗ୍ନିଶମ ବିଭାଗକୁ ଜଣାଇବା ସହ ନିଜେ ଘଟଣାସ୍ଥଳକୁ ଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଦୀର୍ଘ ୨ଘଣ୍ଟା କାଳ ଖୋଜାଖୋଜି କରିଥିଲେ ମଧ୍ୟ ମାନସିଂଙ୍କ କୌଣସି ଖବର ମିଳିନାହିଁ। ସନ୍ଧ୍ୟା ହୋଇଯିବାରୁ ସେମାନେ ଫେରି ଆସିଛନ୍ତି। ନଦୀଟି ବହୁତ ଲମ୍ବା ଓ ଚନ୍ଦାହାଣ୍ଡି ଦେଇ ପଡ଼ୋଶୀ ଛତିଶଗଡ଼କୁ ସଂଯୋଗ କରୁଛି। ଖବର ଲେଖାଯିବା ପର୍ଯ୍ୟନ୍ତ ମାନସିଂଙ୍କର କୌଣସି ଖବର ମିଳି ପାରି ନାହିଁ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ତେନ୍ତୁଳିଖୁଣ୍ଟି, ୩।୯(ଡି.ଏନ୍.ଏ.)

### ଅଞ୍ଚଳର ସମସ୍ୟା ସମାଧାନ ଦାବି କଲା ଇନ୍ଦ୍ରାବତୀ ନାଗରିକ ମଞ୍ଚ

ଇନ୍ଦ୍ରାବତୀ ନାଗରିକ ମଞ୍ଚର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଇନ୍ଦ୍ରାବତୀ ଡାକ୍ତରଖାନା ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଉକ୍ତ ବୈଠକରେ ସ୍ଥିର କରାଯାଇଛି। ଇନ୍ଦ୍ରାବତୀ ବଣିକ ସଂଘ, ଇନ୍ଦ୍ରାବତୀ ନାଗରିକ ମଞ୍ଚ, ବୁଢ଼ି ଅଞ୍ଚଳ ଗଣ ପରିଷଦ, ଇନ୍ଦ୍ରାବତୀ ଯୁବଗୋଷ୍ଠୀଙ୍କ ସମେତ ଅନେକ ଲୋକ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି।

ଶନିବାର ଆୟୋଜିତ ଏହି ବୈଠକରେ ଇନ୍ଦ୍ରାବତୀ ପ୍ରକଳ୍ପରେ ବସବାସ କରୁଥିବା ସାଧାରଣ ଜନତାଙ୍କ ସମେତ ଅନେକ ସଂଗଠନ କର୍ମକର୍ତ୍ତା ଯୋଗଦେଇଥିଲେ। ଇନ୍ଦ୍ରାବତୀ ଅଞ୍ଚଳର ମୌଳିକ ସମସ୍ୟା ଯଥା ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ଶିକ୍ଷା ବ୍ୟବସ୍ଥା, ଗମନାଗମନ ସେବା ବିଷୟରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ୨ଜଣ ଫାର୍ମାସିଷ୍ଟ, ୨ଜଣ ଷ୍ଟାଫ ନର୍ସ, ଲାବ୍ ଟେକ୍‌ନିସିଆନ, ଏଏନ୍ଏମ୍ ଅଟେଣ୍ଡାଣ୍ଟ ଯୋଗାଇବା ସହ ଆମ୍ବୁଲାନ୍ସ, ଗର୍ଭବତୀଙ୍କ ପାଇଁ ଲେବର ରୁମ୍ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ରଖିଛି ନାଗରିକ ମଞ୍ଚ। ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଯୋଗାଇବା ପାଇଁ ଇନ୍ଦ୍ରାବତୀବାସୀ ଦାବି କରିଛନ୍ତି। ଏହି ବୈଠକରେ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଗ, ବଣିକ ସଂଘ ସଭାପତି ଏସ୍.ମୃତ୍ୟୁଞ୍ଜୟ ପାତ୍ର, ବୋଲବମ ସେବା ସଂଘ ସଭାପତି ଚନ୍ଦ୍ର ଶେଖର ଦଳେଇ , ପରଜା ବାରଙ୍ଗପଦର ପଞ୍ଚାୟତ ସମିତି ସଭ୍ୟା ତଥା ବ୍ଲକ ବିଜେଡ଼ି ମହିଳା ସଭାନେତ୍ରୀ ସୁକାନ୍ତି ମହାନ୍ତି, ଗୌଡ଼ଦେଓପାଲି ପଞ୍ଚାୟତ ସମିତି ସଭ୍ୟ ସୁଧର ଖୁରା, ବୁଢ଼ି ଅଞ୍ଚଳ ଗଣ ପରିଷଦ ସମ୍ପାଦକ ସୁଧୀର ସୁନା, ସାମାଜିକ କର୍ମୀ ରମେଶ ଚନ୍ଦ୍ର ପଟ୍ଟନାୟକ, ବାବୁନି ନାୟକ, ହରିବନ୍ଧୁ ପରିଡ଼ା, ପୃଥ୍ୱୀରାଜ ପାଇକରାୟ, କୃପାନିଧି ରାଉତ, ଭାଜପା ସୋସିଆଲ ମିଡିଆ ସଂଯୋଜକ ଅକ୍ଷୟ ମହାନ୍ତି, ଗୋବର୍ଦ୍ଧନ ସାହୁଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଇନ୍ଦ୍ରାବତୀ ନାଗରିକ ମଞ୍ଚ ସଦସ୍ୟ ଓ ଅଞ୍ଚଳବାସୀ।

# ନୂଆଁଖାଇ ପୂଜାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ବିବାଦ

ନବରଙ୍ଗପୁର,୩।୯(ବି.ପ୍ର.)

ନୂଆଖାଇ ପୂଜାକୁ ନେଇ ଆମ୍ବାଦଳା ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଆରମ୍ଭ ହୋଇଛି। ଗୋଟିଏ ଗୋଷ୍ଠୀର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ନବରଙ୍ଗପୁର ଥାନାକୁ ଆସି ଆଇନର ଆଶ୍ରୟ ନେଇ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ବିବାଦ ମନ୍ଦିର ପ୍ରତିଷ୍ଠା ମହୋତ୍ସବରୁ ଆରମ୍ଭ ହୋଇଛି। ପ୍ରତିଷ୍ଠା ସମୟରେ ରୋଷେଇ ଓ ପ୍ରସାଦ ବଣ୍ଟନକୁ ନେଇ ଥରେ ବିବାଦ ହୋଇଥିଲା।

ନବରଙ୍ଗପୁର ବ୍ଲକ ଆମ୍ବାଦଳା ଗାଁରେ ଠାକୁରାଣୀ ମନ୍ଦିର ପାଇଁ ଆମ୍ବାଦଳା, ଡୁଡ଼ରିଗୁଡ଼ା ଓ ଖଡ଼ିଗୁଡା ଗ୍ରାମବାସୀ ଲୋକ ଚାନ୍ଦାକରି ମନ୍ଦିର ନିର୍ମାଣ କରିଛନ୍ତି। ମନ୍ଦିରରେ ୫ ଜଣ ପୂଜକ ରହିଛନ୍ତି। ଗୁରୁବାର ପୂଜକ ନିଙ୍ଗଲ ପୂଜାରୀ କେବଳ ଭତରା ସମ୍ପ୍ରଦାୟ ପାଇଁ ନୂଆଖାଇ ପୂଜା ମନ୍ଦିରରେ କରିବାକୁ କହିଥିଲେ। ପୂଜା କରିବାକୁ ଆସିଥିବା ଚମ୍ପା ପୂଜାରୀ ଓ ବାଲ ପୂଜାରୀ ଗାଁର ସମସ୍ତଙ୍କ ପାଇଁ ପୂଜା କରିବାକୁ ନିଙ୍ଗଲଙ୍କୁ କହିଥିଲେ। ଏହାକୁ ନେଇ ପୂଜକ ଓ ଦୁଇ ମହିଳାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସମାଧାନ କରିବାକୁ ଅନ୍ୟ ଜଣେ ପୂଜକ ଚନ୍ଦ୍ରଧ୍ୱଜ ପୂଜାରୀ ଯାଇଥିଲେ। କିନ୍ତୁ ଝଗଡ଼ା ଥମି ନ ଥିଲା। ଗାଁରେ ଭତରା, ମାଳି, ହରିଜନ ଓ ଗୌଡ଼ ସମ୍ପ୍ରଦାୟ ଲୋକ ଥିବାରୁ ସମସ୍ତଙ୍କ ପାଇଁ ପୂଜା ହେବ ବୋଲି ଚନ୍ଦ୍ରଧ୍ୱଜ କହିଥିଲେ। ଗୁରୁବାର ଏହି ଝଗଡ଼ା ଥମି ନ ଥିଲା। ଗାଁ ଲୋକ ବିବାଦର ସମାଧାନ ପାଇଁ ଏକାଠି ହୋଇଥିଲେ। ଶୁକ୍ରବାର ଅପରାହ୍ନରେ ପୂଜକ ନିଙ୍ଗଲକୁ ସମର୍ଥନ କରି ଇନ୍ଦ୍ର ଭତରା, କୁନା ଦଣ୍ଡିଆ, ବଳି ଦଣ୍ଡିଆ, ଶ୍ୟାମ ଭତରା, ଅଣାକାର ଭତରା, ଲକ୍ଷ୍ମଣ ଭତରା, ସଦା ଦଣ୍ଡିଆ ଓ ଈଶ୍ୱର ଦଣ୍ଡିଆଙ୍କ ସମେତ ୩୦ରୁ୪୦ ଜଣ ଆସି ଗାଁର ମହିଳା ଓ ଚନ୍ଦଧ୍ୱଜ ସହ ଝଗଡ଼ା କରିଥିଲେ। ଗାଳିଗୁଲଜ କରିବା ସହ ହତ୍ୟା ଓ ଘର ପୋଡ଼ି ଦେବାକୁ ଧମକ ଦେଇଥିଲେ। ପରେ ଦୁଇ ପଟରୁ ଶତାଧିକ ଲୋକ ଆସି ପାଟିତୁଣ୍ଡ କରିଥିଲେ। ଲୋକଙ୍କୁ ବୁଝାଇବାବେଳେ ଚନ୍ଦ୍ରସେନ ଚାଲାଣ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ମାଡ଼ ବାଜି ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ନବରଙ୍ଗପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଚନ୍ଦ୍ରସେନ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଶତାଧିକ ମହିଳା ଓ ପୁରୁଷ ଆସି ନବରଙ୍ଗପୁର ଥାନାରେ ପହଞ୍ଚି ଆଉ ଏକ ଏତଲା ଦେଇଥିଲେ। ଏତଲାରେ ଅଗ୍ନିପୁର ସରପଞ୍ଚ ଦିବାକର ପୂଜାରୀ, ଦଶରଥ ଦଣ୍ଡିଆ, ଡମ୍ବରୁ ଭତରା ଓ ଦାସ ଭତରା ଗାଁରେ ଅଶାନ୍ତି ସୃଷ୍ଟି କରୁଛନ୍ତି ବୋଲି ଦର୍ଶାଇଛନ୍ତି। ଏତଲାରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସାକ୍ଷୀ ରହିଛନ୍ତି। ନବରଙ୍ଗପୁର ପୋଲିସ ଦୁଇଟି ୪୩୪/୨୨ ଓ ୪୩୫/୨୨ ପୃଥକ୍ ମାମଲା ରୁଜୁ କରିଛି।



ଶୁକ୍ରବାର ବିଳମ୍ବିତ ରାତିରେ ଥାନାକୁ ଏତଲା ଦେବାକୁ ଆସିଥିବା ଗ୍ରାମବାସୀ।

### ଥାନାରେ ୨ ମାମଲା

